

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୮ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 8 JUNE 2023

Vol.No. 34 ■ No. 151 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୭/୦୬ (ନି.ପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଆସନ୍ତା ୨୪ ଘଂଟାରେ କିଛି ଜିଲ୍ଲାରେ ବଜ୍ରପାତ ସହ କାଳବୈଶାଖୀ ସମ୍ଭାବନା ରହିଛି । ଏଥିପାଇଁ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୧୭ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ହେଲା ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ , ଗଂଜାମ, ଗଜପତି, କନ୍ଧମାଳ , କଳାହାଣ୍ଡି ଓ ନୂଆପଡା ଆଦି ଜିଲ୍ଲା ପାଇଁ ୱାର୍ଣ୍ଣିଂ ଜାରି ହୋଇଛି । ଏହା ବ୍ୟତୀତ ମୟୁରଭଂଜ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତାକାଲି ପାଇଁ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ମାଲବାହୀ ଟ୍ରେନ୍ ମାଡ଼ିଯିବାରୁ ୬ ଶ୍ରମିକ ମୃତ: ଅନ୍ୟ ୨ ଜଣ ଗୁରୁତର

ଯାଜପୁର, ୭/୦୬ (ନି.ପ୍ର): ବାହାନଗା ଟ୍ରେନ୍ ଦୁର୍ଘଟଣା ମନରୁ ଲିଭି ନଥିବା ବେଳେ ବୁଧବାର ଅପରାହ୍ଣରେ ରାଜ୍ୟରେ ପୁଣି ଏକ ଅଘଟଣ ଘଟିଛି । ଯାଜପୁର-କେନ୍ଦୁଝରରୋଡ ଷ୍ଟେସନ୍‌ରେ ଟ୍ରେନ୍ ମାଡ଼ିଯିବାରୁ ୬ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ଏହି ଅଘଟଣ ଯୋଗୁଁ ଅନ୍ୟ ୨ ଜଣ ଆହତ ହୋଇଥିବା ଜଣାପଡ଼ିଛି । ମୃତାହତଙ୍କ ପରିଚୟ ମିଳିପାରି ନାହିଁ । ସୂଚନା ଅନୁସାରେ ଆଜି ଅପରାହ୍ଣ ୫ଟା ୧୫ ସମୟରେ ଯାଜପୁରରୋଡ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହୋଇଥିଲା । ଏହି ସମୟରେ ବର୍ଷାରୁ ବର୍ତ୍ତିବା ପାଇଁ ଶ୍ରମିକମାନେ ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେସନର ସାଇମନ୍ଦିର ରେଳ ଫାଟକ ନିକଟରେ ଅଟକିଥିବା ଏକ ମାଲଗାଡ଼ି ତଳେ ଆଶ୍ରୟ ନେଇଥିଲେ । ଷ୍ଟେସନ୍‌ରେ ଠିଆ ହୋଇଥିବା ଟ୍ରେନ୍‌ଟି ଅଳ୍ପ ସମୟ ପରେ ଆଗକୁ ବଢ଼ିଥିଲା । ଫଳରେ ଟ୍ରେନ୍‌ର ଚକା ତଳେ ରହି ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟ ୫ ଜଣ ଆହତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଯାଜପୁରରୋଡ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ୩ଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ୨ ଗୁରୁତରଙ୍କୁ କଟକ ବଡ଼ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

ତେଣେ ପୂର୍ବତଟ ରେଳ ପକ୍ଷରୁ କହାଯାଇଛି କି, ରେଳ କାର୍ଯ୍ୟ ପାଇଁ ଜଣେ କଣ୍ଟ୍ରାକ୍ଟରଙ୍କ ଦ୍ୱାରା ନିୟୋଜିତ କେତେକ ଚୁକ୍ତିଭିତ୍ତିକ ଶ୍ରମିକ ଯାଜପୁର-କେନ୍ଦୁଝରରୋଡ ନିକଟରେ ପବନ ଏବଂ ବର୍ଷା ଠାରୁ ରକ୍ଷା ପାଇବା ପାଇଁ ରଖାଯାଇଥିବା ଏକ ମାଲଗାଡ଼ି ରେକ୍ ତଳେ ଆଶ୍ରୟ ନେଇଥିଲେ । ଆଜି ପ୍ରବଳ ବଜ୍ରପାତ ହେତୁ ଇଞ୍ଜିନ ଲାଗି ନଥିଲେ ବି ରେକ୍ ଗଡ଼ିଯାଇଥିଲା । ଏହି ଘଟଣାରେ ୬ ଶ୍ରମିକଙ୍କ ମୃତ୍ୟୁ ପରେ ରେଳବାଇ ଦ୍ୱାରା ଆବଶ୍ୟକ ପଦକ୍ଷେପ ନିଆଯାଉଛି । ଖୋର୍ଦ୍ଧା ଡିଆରଏମଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ ଘଟଣାସ୍ଥଳକୁ ଯାଇଛନ୍ତି ।

ପାଂଚ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭/୦୬ (ନି.ପ୍ର): ବୁଧବାର ଅପରାହ୍ନରେ ଯାଜପୁର ରୋଡ ଷ୍ଟେସନରେ ଟ୍ରେନ ରେ କଟି ଛଅ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏହା ସହ ମୃତକଙ୍କ ନିକଟ ତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ପାଂଚ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି ଏବଂ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି । ଏହା ବ୍ୟତୀତ ଏହି ଦୁର୍ଘଟଣାରେ ଆହତ ଦୁଇ ଜଣଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ଆଜି ଯୁକ୍ତ ୨ କଳା ରେଜଲ୍ଟ

ଭୁବନେଶ୍ୱର, ୭/୦୬ (ନି.ପ୍ର): ଆସନ୍ତାକାଲି (ଗୁରୁବାର) ଯୁକ୍ତ ୨ କଳା ପରୀକ୍ଷାଫଳ ପ୍ରକାଶ ପାଇବ । ଏହାସହ ଧନ୍ଦାମୂଳକ ଶିକ୍ଷା ରେଜଲ୍ଟ ମଧ୍ୟ ବାହାରିବ । ଗୁରୁବାର ଅପରାହ୍ନ ୪ଟାରେ ରେଜଲ୍ଟ ପ୍ରକାଶ ପାଇବ । ସିଏଚଏସଇର ୱେବସାଇଟ୍ ରେ ପରୀକ୍ଷା ଫଳ ଉପଲବ୍ଧ ହେବ ବୋଲି ସିଏଚଏସଇ ପକ୍ଷରୁ ସୂଚନା ଦିଆଯାଇଛି । ଗତ ମାର୍ଚ୍ଚ ୧ରୁ ଏପ୍ରିଲ ୫ ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ କଳାରେ ୨ ଲକ୍ଷ ୩୩ ହଜାର ୮୫୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେହିପରି ଧନ୍ଦାମୂଳକ ବିଷୟରେ ୫୦୮୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସୂଚନାଯୋଗ୍ୟ ଯେ ଗତ ମେ ୩୧ ତାରିଖରେ ଯୁକ୍ତ ୨ ର ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ ପ୍ରକାଶ ପାଇଥିଲା । ଯୁକ୍ତ ୨ ବିଜ୍ଞାନରେ ପାସ୍ ହାର ୮୪.୯୩% ରହିଥିବା ବେଳେ ବାଣିଜ୍ୟରେ ୮୧.୧୨% ପାସ୍ କରିଥିଲେ । ବିଜ୍ଞାନରେ ୯୩,୭୩୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୮,୯୩୮ ଜଣ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି । ସେହିପରି ବାଣିଜ୍ୟରେ ମୋଟ୍ ୨୪,୦୮୨ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୯,୫୩୬ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି ।

ଅରୁଣ ବୋଥ୍ରାଙ୍କୁ କ୍ଲୁଟ୍ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ

ଭୁବନେଶ୍ୱର, ୭/୦୬ (ନି.ପ୍ର): କ୍ରାଇମ୍‌ବ୍ରାଂଚ ଏଡିଜି ଅରୁଣ ବୋଥ୍ରାଙ୍କୁ କ୍ୟାପିଟାଲ୍ ରିଜନ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ଲୁଟ୍)ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ୧୯୯୬ ବ୍ୟାଚ୍ ର ଆଇପିଏଏସ୍ ଶ୍ରୀ ବୋଥ୍ରା ଏଡିଜି କ୍ରାଇମ୍‌ବ୍ରାଂଚ ସହ 'କ୍ଲୁଟ୍'ର ଦାୟିତ୍ୱ ତୁଲାଇବେ । ଏହା ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ତଥା ୨୦୧୩ ବ୍ୟାଚ୍ ର ଆଇଏଏସ୍ ବିଜୟ ଅମୃତା କୁଲାଙ୍ଗେ 'କ୍ଲୁଟ୍'ର ଅତିରିକ୍ତ ଦାୟିତ୍ୱରେ ଥିଲେ । ସେହିପରି ଏଡିଜି (ଜେଲ୍) ଦୀପ୍ତେଶ କୁମାର ପଟ୍ଟନାୟକଙ୍କୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆରଟିସି)ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ମିଳିଛି । ପୂର୍ବରୁ ସେ ଓଏସ୍‌ଆରଟିସିର ଅତିରିକ୍ତ ଦାୟିତ୍ୱରେ ଥିଲେ । ସେହିପରି ପରିବହନ କମିଶନର ତଥା ୧୯୯୮ ବ୍ୟାଚ୍ ଆଇପିଏସ୍ ଅମିତାଭ ଠାକୁର ଜେଲ୍ ଏଡିଜି ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଜେଲ୍ ଗଲେ ଆସିଷ୍ଟାଣ୍ଟ ଇଞ୍ଜିନିୟର

ସୁନ୍ଦରଗଡ , ୭/୦୬ (ନି.ପ୍ର): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ରୁରାଲ୍ ୱାର୍କ୍ସ ଡିଭିଜନର ଆସିଷ୍ଟାଣ୍ଟ ଇଞ୍ଜିନିୟର ସଞ୍ଜୟ କୁମାର ବେହେରାଙ୍କୁ ଭିଜିଲାନ୍ସ ଗିରଫ କରିଛି । ତାଙ୍କର ଜବତ ଆୟବହିର୍ଭୂତ ସଂପତ୍ତିର ପରିମାଣ ଆୟର ୩୩୩ ପ୍ରତିଶତ ବୋଲି ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସଂପତ୍ତି ଭିତରେ ୨ଟି ୨ ମହଲା ବିଶିଷ୍ଟ କୋଠା, ୨ଟି ଫ୍ଲାଟ୍ , ବ୍ୟାଙ୍କ, ପୋଷ୍ଟ ଅଫିସ ଏବଂ ଇନସ୍ୟୁରାନ୍ସରେ ଥିବା ୧ କୋଟି ୬୭ ଲକ୍ଷ ଟଙ୍କା ଠାବ କରାଯାଇଛି । ସେହିପରି ଡାକ୍ତରୀ ଚିକିତ୍ସା ଓ ଶିକ୍ଷା ଆଦି କ୍ଷେତ୍ରରେ ୮୧ ଲକ୍ଷ ୮୦ ହଜାର ଟଙ୍କା ବିନିଯୋଗ କରାଯାଇଛି । ଗତକାଲି ସଞ୍ଜୟଙ୍କ ଘର,ଅଫିସରେ ରେଡ୍ କରିଥିଲା ଭିଜିଲାନ୍ସ । ଭିଜିଲାନ୍ସ ଜାଲରେ ସୋର ମ୍ୟୁନିସିପାଲିଟି ମୁଖ୍ୟ କିରାଣୀ ଓ ପିଅନ, ୬ ହଜାର ଟଙ୍କା ନେବାବେଳେ ଧରାପଡିଲେ । ସୂଚନା ଥାଉକି, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତକାଲି ଭିଜିଲାନ୍ସ ପକ୍ଷରୁ ସଞ୍ଜୟ ବେହେରାଙ୍କର ସୁନ୍ଦରଗଡ଼ ଓ ଭଦ୍ରକର ୭ଟି ଠିକଣାରେ ଚଢ଼ାଉ କରାଯାଇଥିଲା । ସଞ୍ଜୟ ବେହେରା ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଭଦ୍ରକ ସହରର ଜଗନ୍ନାଥପୁରରେ ଏକ ଦୁଇ ମହଲା କୋଠା ରହିଛି । ସେହିପରି ଭଦ୍ରକ ଜିଲ୍ଲା ବନ୍ତରେ ତାଙ୍କର ଗୋଟିଏ ଘର ରହିଛି ଯାହା ଏକ ମହଲା ବିଶିଷ୍ଟ । ତାଙ୍କର ଭଦ୍ରକ ଓ ଯାଜପୁରରେ ୨ଟି ଫ୍ଲାଟ ଅଛି । ଭଦ୍ରକ ସହରର ଜଗନ୍ନାଥପୁରରେ ଗୋଟିଏ ଫ୍ଲାଟ ଥିବା ବେଳେ ଯାଜପୁରର ଚନ୍ଦମା ମୌଜାରେ ଆଉ ଗୋଟିଏ ଫ୍ଲାଟ ଅଛି ।

ଆମ୍ଫୁଲାନ୍ସରେ ନିଆଁ ଲଗାଇଦେଲେ ବିକ୍ଷୋଭକାରୀ: ମା'-ପୁଅ ଜୀବନ୍ତ ଦଗ୍ଧ

ମଣିପୁର,୭/୦୬ : ହିଂସାଗ୍ରସ୍ତ ମଣିପୁରରେ ଘଟିଛି ସାଂଘାତିକ ଘଟଣା । ଆମ୍ଫୁଲାନ୍ସରେ ନିଆଁ ଲଗାଇ ଦେଇଛନ୍ତି ବିକ୍ଷୋଭକାରୀ । ଏଥିଯୋଗୁ ଆମ୍ଫୁଲାନ୍ସରେ ଥିବା ୮ ବର୍ଷର ବାଳକ, ତାଙ୍କ ମା' ଓ ଆଉ ଜଣେ ସମ୍ପର୍କୀୟ ଜୀବନ୍ତ ଦଗ୍ଧ ହୋଇଛନ୍ତି । ମଣିପୁରରେ ଆଦିବାସୀ ଓ ଅଣ ଆଦିବାସୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ସଂଘର୍ଷ ଭିତରେ ଏତେ ବଡ଼ ଘଟଣା ଘଟିଛି । ଆଦିବାସୀ ଓ ଅଣ ଆଦିବାସୀ ମଧ୍ୟରେ ଚାଲିଥିବା ସଂଘର୍ଷ ବେଳେ ହୋଇଥିବା ଗୁଳିମାଡ଼ରେ ଜଣେ ୮ ବର୍ଷର ପିଲା ଆହତ ହୋଇଥିଲା । ଆହତ ପୁଅକୁ ବଞ୍ଚାଇବା ପାଇଁ ତାଙ୍କ ମା' ଆମ୍ଫୁଲାନ୍ସରେ ହସ୍ପିଟାଲ ନେଉଥିଲେ । ସାଥୀରେ ଜଣେ ସମ୍ପର୍କୀୟ ମଧ୍ୟ ରହିଥିଲେ । ତେବେ ହିଂସ୍ର ହୋଇ ଉଠିଥିବା କିଛି ଲୋକ ମଣିପୁରର ପଶ୍ଚିମ ଇମ୍ଫାଲ ଠାରେ ଆମ୍ଫୁଲାନ୍ସକୁ ମଧ୍ୟ ଆଗକୁ ଯିବାକୁ ଦେଇ ନଥିଲେ । ସେମାନେ ଏଥିରେ ନିଆଁ ଲଗାଇ ଦେବାକୁ ୩ ଜଣ ଯାକ ପ୍ରାଣ ହରାଇଛନ୍ତି । ରିପୋର୍ଟ ଅନୁସାରେ, ପଶ୍ଚିମ ଇମ୍ଫାଲର ଇରୋଇସେମ୍ବା ନିକଟରେ ରବିବାର ସନ୍ଧ୍ୟାରେ ପୂରା ଘଟଣା ଘଟିଥିଲା । ହିଂସା ଯୋଗୁ ହୋଇଥିବା ଶୁଟ ଆଉଟ ବେଳେ ୮ ବର୍ଷର ପିଲାଟିର ମୁଣ୍ଡରେ ଗୁଳି ବାଜିଥିଲା । ତେଣୁ ପିଲାଟିକୁ ତାଙ୍କ ମା' ଓ ଇମ୍ଫାଲରେ ରହୁଥିବା ଜଣେ ସମ୍ପର୍କୀୟ ହସ୍ପିଟାଲ ନେଉଥିଲେ । ▶▶ପୃଷ୍ଠା ୭

କେନ୍ଦ୍ର କ୍ୟାବିନେଟର ଏମଏସପି ମାଷ୍ଟରଷ୍ଟ୍ରୋକ୍

ବଢ଼ିଲା ଧାନ, ସୂର୍ଯ୍ୟମୁଖୀ ଓ କପାର ସର୍ବନିମ୍ନ ସହାୟକ ମୂଲ୍ୟ



ନୂଆଦିଲ୍ଲୀ , ୭/୦୬ (ନି.ପ୍ର): ଏମଏସପି ବୃଦ୍ଧି ଉପରେ କେନ୍ଦ୍ର କ୍ୟାବିନେଟର ମୋହର୍ ବାଜିଛି । ଧାନ, ସୂର୍ଯ୍ୟମୁଖୀ ଓ କପାର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର । ଧାନ କ୍ୱିଣ୍ଟାଲ ପିଛା ୧୪୩ ଟଙ୍କା ବୃଦ୍ଧି ପାଇଛି । ସେହିପରି ସୂର୍ଯ୍ୟମୁଖୀ କ୍ୱିଣ୍ଟାଲ ପିଛା ୩୬୦ ଟଙ୍କା ଏବଂ ମଧ୍ୟମ ଧରଣ କପା ଉପରେ କ୍ୱିଣ୍ଟାଲ ପିଛା ୫୪୦ ଟଙ୍କା ଏବଂ ଲଙ୍ଗ୍ କଟନ ଉପରେ ୬୪୦ ଟଙ୍କା ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର । ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକ ବସିଥିଲା । ଏଥିରେ ଅନେକ ପ୍ରସ୍ତାବ ଉପରେ ମୋହର ବାଜିଛି । ଏହା ଭିତରୁ ଧାନର ସହାୟକ ମୂଲ୍ୟ ବୃଦ୍ଧି ଅନ୍ୟତମ ରହିଛି । ୨୦୨୨-୨୩ ପାଇଁ ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବାକୁ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ନେଇଛି । ଏନେଇ କେନ୍ଦ୍ର ମନ୍ତ୍ରୀ ପିୟୁଷ ଗୋଏଲ ପ୍ରେସମିଟ୍ ଜରିଆରେ ସୂଚନା ଦେଇଛନ୍ତି । ▶▶ପୃଷ୍ଠା ୭

ଖାଁ ଖାଁ ବଗି ଧରି ଶାଲିମାରରୁ ଛାଡ଼ିଲା କରମଣ୍ଡଳ ଏକ୍ସପ୍ରେସ୍

ପଶ୍ଚିମବଙ୍ଗ, ୭/୦୬ : ଭୟ ଭିତରେ ଆଜି ପଶ୍ଚିମବଙ୍ଗ ଶାଲିମାରରୁ ପୁଣି ଥରେ ଛାଡ଼ିଛି କରମଣ୍ଡଳ ଏକ୍ସପ୍ରେସ୍ । ନିର୍ଦ୍ଧାରିତ ସମୟରେ ଯାତ୍ରା ଆରମ୍ଭ କରିଥିଲା କରମଣ୍ଡଳ ଏକ୍ସପ୍ରେସ୍ । କିନ୍ତୁ ପୂର୍ବ ପରି ନଥିଲେ ଖଚାଖଚ୍ ଯାତ୍ରୀ । ବଗିରେ କାଁ ଭାଁ ଲୋକ ବସିଥିଲେ । ବଗିରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ଭିତରୁ କିଏ ହାତ ଯୋଡ଼ି ବସିଥିଲା ତ ଆଉ କିଏ କିଛି ଉଚ୍ଚାରଣ କଲା ପରି ଦେଖାଯାଉଥିଲା । ସେପଟେ କିନ୍ତୁ ପୂର୍ବ ପରି କରମଣ୍ଡଳ ଏକ୍ସପ୍ରେସ୍‌ର ବେଗ ବେଶୀ ନଥିଲା । ୬ ଦିନ ତଳେ ବାଲେଶ୍ୱର ଜିଲ୍ଲା ବାହାନଗା ବଜାର ଷ୍ଟେସନ୍ ରକ୍ତ ରଞ୍ଜିତ ହୋଇଥିଲା । କରମଣ୍ଡଳ ଲୋପ୍‌ଲାଇନ୍‌ରେ ଛିଡ଼ା ହୋଇଥିବା ମାଲ୍‌ବାହୀ ଟ୍ରେନ୍ ଉପରେ ଚଢ଼ି ଯାଇଥିଲା । ସେହି ସମୟରେ ଯଶବନ୍ତପୁର-ହାଓଡା ଏକ୍ସପ୍ରେସ୍‌ର ଦୁଇଟି ବଗି ଉପରେ ପଡ଼ିଥିଲା କରମଣ୍ଡଳ । ଫଳରେ ୨୮୮ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ବହୁ ଯାତ୍ରୀ ଗୁରୁତର ଆହତ ହୋଇ ମେଡ଼ିକାଲ୍‌ରେ ଭର୍ତ୍ତି ହୋଇଥିଲେ । ସେହି ଭୟଙ୍କର ଓ ଛାତିଥରେ ଦୁର୍ଘଟଣା ସମଗ୍ର ବିଶ୍ୱକୁ ଥରାଇଦେଇଥିଲା । ଦୁର୍ଘଟଣାରେ ଟ୍ରେନ୍ ଟ୍ରାକ୍ ନଷ୍ଟ ଓ ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା । ମରାମତି ପରେ ଟ୍ରାକ୍‌ରେ ପୁଣି ଥରେ ଦୌଡ଼ିଛି ଟ୍ରେନ୍ । ପ୍ରଥମେ ଚାଲିଥିଲା, ଇଞ୍ଜିନ୍, ତାପରେ ମାଲବାହୀ ଟ୍ରେନ୍ । ଆଉ ଆଜି ସେହି ଟ୍ରାକ୍‌ରେ ଯିବ କରମଣ୍ଡଳ ଏକ୍ସପ୍ରେସ୍ । ସେଥିପାଇଁ ନିର୍ଦ୍ଧାରିତ ସମୟରେ ସାଲିମାରରୁ ଛାଡ଼ିଛି କରମଣ୍ଡଳ ଏକ୍ସପ୍ରେସ୍ । ପୂର୍ବ ଦିନ ଅପେକ୍ଷା ଆଜି ଅଳ୍ପ ଯାତ୍ରୀ ଯାତ୍ରା କରୁଛନ୍ତି । ଜରୁରୀ କାମ ଥିବାରୁ ଅନ୍ୟ ରାଜ୍ୟକୁ ଯିବାକୁ ପଡୁଛି ବୋଲି କିଛି ଯାତ୍ରୀ କହିଛନ୍ତି । କରମଣ୍ଡଳରେ ଯାତ୍ରା କରୁଥିବା ଜଣେ ଯାତ୍ରୀ କହିଛନ୍ତି, କରମଣ୍ଡଳରେ ଯିବା ପାଇଁ ପରିବାର ଲୋକ ମନା କରୁଥିଲେ । ମନା କଲେ କ'ଣ ହେବ କାମ ତ କରିବାକୁ ପଡ଼ିବ ଜିନ୍ଦେଗି ତ ରିସ୍କ ହେ । ଡରିକି ଘରେ ବସିଲେ କେମିତି ଚଳିବୁ ଯାହାହେଲେ ମଧ୍ୟ ଯିବାକୁ ପଡ଼ିବ । ତେଣୁ ଯାଉଛି ବୋଲି ଯାତ୍ରୀ ଜଣକ କହିଛନ୍ତି ।

ଆଗାମୀ ୪୮ ଘଂଟା ମଧ୍ୟରେ କେରଳ ଛୁଇଁବ ମୌସୁମୀ

ଭୁବନେଶ୍ୱର, ୭/୦୬ (ନି.ପ୍ର): ମୌସୁମୀ ପାଇଁ ପାଗ ଅନୁକୂଳ ରହିଛି । ଆଗାମୀ ୪୮ ଘଂଟା ମଧ୍ୟରେ ମୌସୁମୀ କେରଳ ଛୁଇଁ ପାରେ । ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆଯାଇଛି । ଏହି ଟ୍ୱିଟରେ କୁହାଯାଇଛି ଯେ - ମୌସୁମୀ ପାଇଁ ପାଗ ଅନୁକୂଳ !! କେରଳ ଉପକୂଳରେ ମେଘ ସମୂହର ଘଂନତ୍ୱ ବୃଦ୍ଧି, ପଶ୍ଚିମ ବାୟୁର ସକ୍ରିୟତା ତଥା ବାୟୁମଣ୍ଡଳର ମଧ୍ୟଭାଗ ଯାଏଁ ବ୍ୟାପ୍ତି ଏହା ସୂଚାଉଛି ଯେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ।

ବାହାନଗାରେ ଦୁର୍ଘଟଣାର କାରଣ ଖୋଜୁଛି ସିବିଆଇ: ଅଧିକାରୀଙ୍କ ମୋବାଇଲ ଜବତ

ବାଲେଶ୍ୱର/ଭୁବନେଶ୍ୱର, ୭/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ ଦୁର୍ଘଟଣାର କାରଣ ଖୋଜିବାକୁ ବୁଧବାର ପୁଣିଥରେ ଘଟଣାସ୍ଥଳରେ ପହଂଚିଛି ସିବିଆଇ ଟିମ୍। ତଦନ୍ତର ଦ୍ୱିତୀୟ ଦିନରେ ବୁଧବାର ସିବିଆଇର ୧୦ ଜଣିଆ ଟିମ୍ ଦୁର୍ଘଟଣାସ୍ଥଳରେ ପହଂଚିଥିଲେ । ଟେକ୍ନିକାଲ ଏବଂ ଫରୋନ୍‌ସିକ୍ ଟିମ୍ ତୃତୀୟ ଥର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ଆଜି ଏହି ଟିମ୍ ଘଟଣାସ୍ଥଳରେ ପ୍ରାୟ ୪୫ ମିନିଟ୍ ରହିଥିଲେ । ତଦନ୍ତ ବେଳେ ରେଳ ଅଧିକାରୀଙ୍କ ମୋବାଇଲ ଜବତ ହୋଇଥିବା ସୂଚନା ରହିଛି । କଲ୍ ରେକର୍ଡ, ହ୍ୱାଟସଆପ କଲ୍ ଓ ସୋସିଆଲ ମିଡିଆର ତଥ୍ୟ ସଂଗ୍ରହ କରୁଛି ସିବିଆଇ । ଏବେ ଏହି ସବୁ ମୋବାଇଲ ଏବଂ ଡାଟାକୁ ଅନୁଧ୍ୟାନ କରି ସିବି

ସାମାନ୍ୟ ବଚସାରୁ ବଡ଼ଭାଇକୁ ଟାଙ୍ଗିଆରେ ହାଣି ହତ୍ୟା: ଟାଙ୍ଗିଆ ସହ ଥାନାରେ ସାନ ଭାଇର ଆତ୍ମ ସମର୍ପଣ

କନ୍ଧମାଳ, ୦୭/୦୬ (ନି.ପ୍ର): ସାମାନ୍ୟ ବଚସାକୁ ନେଇ ବଡ଼ ଭାଇକୁ ଅତି ନିର୍ମମ ଭାବରେ ଟାଙ୍ଗିଆ ରେ ହାଣି ହତ୍ୟା କରିଛି ସାନ ଭାଇ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ର ଡ଼ିମିରିଗୁଡା ଗାଁରେ। ସୂଚନା ଅନୁସାରେ ଏହି ଡ଼ିମିରିଗୁଡା ଗାଁର ନରେନ୍ଦ୍ର ବିନ୍ଧାଣି ଓ ତାଙ୍କ ଭାଇ କର୍ଣ୍ଣ ବିନ୍ଧାଣିଙ୍କ ମଧ୍ୟରେ ସୋମବାର ରାତିରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରିବାର ଲୋକ ଓ ସାହି ପଡିସା ଏଥିରେ ହସ୍ତକ୍ଷେପ କରି ଗଣ୍ଡଗୋଳର ସମାଧାନ କରିଥିଲେ। ଏହାପରେ ନରେନ୍ଦ୍ର ସାହାଣୀ ଖାଇପିଇ ନିଜ ଘର ବାରଣ୍ଡାରେ ଏକ କଟିଆରେ ଶୋଇଥିବା ବେଳେ ତାଙ୍କର ସାନ ଭାଇ କର୍ଣ୍ଣ ବିନ୍ଧାଣି ଏକ ଧାରୁଆ ଟାଙ୍ଗିଆରେ ନରେନ୍ଦ୍ର କୁ ଅତି ନିର୍ମମ ଭାବରେ ହାଣି ପକେଇ୍ଥିଲା ସହ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ କଟିଆରେ ପଡି ଚିତ୍କାର କରୁଥିବା ଦେଖି ନରେନ୍ଦ୍ର ଙ୍କ ସ୍ତ୍ରୀ ପାଟି କାରି ଅନ୍ୟମାନଙ୍କୁ ଡାକିଥିଲେ। ସାଇପଡିସା ଓ ପରିବାର ଲୋକ ଗୁରୁତର ଆହତ ଅବସ୍ଥାରେ ନରେନ୍ଦ୍ରଙ୍କୁ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମେଡିକାଲକୁ ଆଣିବା ବାଟରେ ହିଁ ନରେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ମେଡିକାଲ ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ମଙ୍ଗଳବାର ସକାଳୁ ହତ୍ୟାକାରୀ ସାନଭାଇ କର୍ଣ୍ଣ ବିନ୍ଧାଣି ହତ୍ୟା ରେ ବ୍ୟବହୃତ ଟାଙ୍ଗିଆ ସହ ଥାନାରେ ଆତ୍ମ ସମର୍ପଣ କରିଥିବା ଜଣାପଡିଥିବା ବେଳେ ଘଟଣା କୁ ନେଇ ମୃତ ନରେନ୍ଦ୍ର ବିନ୍ଧାଣି ଙ୍କ ପୁଅ ତାଙ୍କ ବାପାଙ୍କୁ ତାଙ୍କ ଦଦା ହତ୍ୟା କରିଥିବା ନେଇ ଏକ ଲିଖିତ ଏତଲା ମଧ୍ୟ ଦେଇଛନ୍ତି। ଅନ୍ୟପଟେ ଅକ୍ଷୟଙ୍କ ଏତଲା ଆଧାରରେ ପୋଲିସ ହତ୍ୟାକାରୀ କର୍ଣ୍ଣକୁ ଥାନାରେ ଅଟକ ରଖିବା ସହ ମେଡିକାଲ ରେ ପହଂଚି ଶବର ପଂଚନାମା କରିବା ପରେ ଶବକୁ ବ୍ୟବାଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇ ଦେଇଛି। ଘଟଣା ସ୍ଥଳରେ ସାଇଂଟିଫିକ ଟିମ ସହ ଖୋଦ ଥାନା ଅଧିକାରୀ ତପନ କୁମାର ନାହାକ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ହତ୍ୟାର ଆସଲାକାରଣ ଏପର୍ଯ୍ୟନ୍ତ ଜଣାପଡିନଥିବା ବେଳେ ତଦନ୍ତ ପରେ ଘଟଣା ର ସତ୍ୟତା ଜଣାପଡିବ ବୋଲି ଘଟଣା ର ତଦନ୍ତ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ବିକାଶ କୁମାର ଜାଳି ସୂଚନା ଦେଇଛନ୍ତି। ଅନ୍ୟପଟେ ଏହି ଘଟଣା କୁ ନେଇ ଫିରିଙ୍ଗିଆ ଥାନାରେ ଏକ ହତ୍ୟା ମାମଲା ମଧ୍ୟ ରୁଜୁ ହୋଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ତପନ କୁମାର ନାହାକ।

ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟ ସହଯୋଗରେ କରାଯିବ ଗବେଷଣା

ଭୁବନେଶ୍ୱର, ୦୭/୦୬ (ନି.ପ୍ର): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ରୋହିତ ପୂଜାରୀ ସିଙ୍ଗାପୁର ଗସ୍ତରେ ଯାଇଛନ୍ତି । ଏକ ନୂତନ ପଦକ୍ଷେପ ସ୍ୱରୂପ, ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଏବଂ ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଡିନ୍ ଏବଂ ଫାକଲ୍ଟି ମେମ୍ବରମାନଙ୍କ ମଧ୍ୟରେ ଆଲୋଚନା କରାଯାଇ ଓଡ଼ିଶାରେ ହ୍ୟୁମାନ କ୍ୟାପିଟାଲ ଡେଭଲପ୍‌ମେଂଟ ନିମନ୍ତେ ଟ୍ରାନ୍ସଫରମେଟିଭ୍ ଟ୍ରେନିଂ, ନୂଆ ନୂଆ ଗବେଷଣା ଏବଂ ପାଥ୍ ଟ୍ରେନିଂ ଇନୋଭେସନ ମାଧ୍ୟମରେ ଗବେଷଣା ପାଇଁ ସ୍ଥିର ହୋଇଛି । ଆଲୋଚନା ବିଶେଷତଃ ଫାକଲ୍ଟି ଟ୍ରେନିଂ, ଷ୍ଟୁଡେଂଟ ଇଂଟରନ୍‌ସିପ୍ ମିଳିତ ସହଯୋଗରେ ଗବେଷଣା ଏବଂ ରାଜ୍ୟ ସରକାରୀ ଅଧିକାରୀମାନଙ୍କୁ ତାଲିମ୍ ପ୍ରଦାନ ସମ୍ପର୍କରେ ହୋଇଥିଲା। ରାଜ୍ୟ ସରକାର ଏବଂ ସଂଙ୍ଗାପୁର ଜାତୀୟ ବିଶ୍ୱ ବିଦ୍ୟାଳୟ ସହଯୋଗରେ ବିଶେଷ ଉଦ୍ଦେଶ୍ୟ ସାଧନ କରୁଥିବା ବିଶ୍ୱ ବିଦ୍ୟାଳୟସ୍ତରୀୟ ଶିକ୍ଷା ଓ ଗବେଷଣା ସ୍ତରରେ ବୈପ୍ଳବିକ ପରିବର୍ତନ ଆଣି ଓଡ଼ିଶାକୁ ଏକ ଉଚ୍ଚ ସୋପାନରେ ପହଂଚାଇବାକୁ ଲକ୍ଷ୍ୟ ରଖାଯାଇଛି । ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରର ପରିଚିତ ସ୍ୱନାମଧନ୍ୟ ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟକୁ ଏହି ମିଳିତ ସହଯୋଗ ନିମନ୍ତେ ଚୟନ କରାଯାଇଛି । ସହଭାଗିତା ମାଧ୍ୟମରେ ରାଜ୍ୟ ସରକାର ଶିକ୍ଷାକ୍ଷେତ୍ରରେ ବିରାଟ ପରିବର୍ତନ ଆଣିବା ସହ ଓଡ଼ିଶାକୁ ଦେଶରେ ଗବେଷଣା ନିମନ୍ତେ ଏକ ହବ୍(ପେଣ୍ଠସ୍ଥଳୀ)ରେ ପରିଣତ କରିବା ପାଇଁ ଆଶା ରଖିଛନ୍ତି । ଏହି ସହଯୋଗ ଭବିଷ୍ୟତରେ ଓଡ଼ିଶାର ଶିକ୍ଷା ଓ ଗବେଷଣା କ୍ଷେତ୍ରକୁ ଏକ ନୂଆ ରୂପ ଦେବ, ଏହା ନିଃସନ୍ଦେହ ବୋଲି ଶ୍ରୀ ପୂଜାରୀ ପ୍ରକାଶ କରିଥିଲେ । ମିଳିତ ସହଯୋଗରେ ବିଭିନ୍ନ ପଦକ୍ଷେପ ସ୍ୱରୂପ ଛାତ୍ରଛାତ୍ରୀ ଏବଂ ଫାକଲଫିମାନଙ୍କ ପାଇଁ ଏକ୍ସଚେଞ୍ଜ ପ୍ରୋଗ୍ରାମ, ମିଳିତ ଗବେଷଣା ପ୍ରକଳ୍ପ ଏବଂ ରାଜ୍ୟ ସରକାରୀ ପଦାଧିକାରୀମାନଙ୍କ ପାଇଁ କାପାସିଟି ବିଲ୍‌ଡିଂ କାର୍ଯ୍ୟକ୍ରମ ଉପରେ ମୁଖ୍ୟତଃ ଗୁରୁତ୍ୱ ଦେବେ । ପ୍ରକାଶ ଥାଉ କି, ଅନ୍ତର୍ଜାତୀୟ ସ୍ତରରେ, ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟ ଶିକ୍ଷା, ଗବେଷଣା କ୍ଷେତ୍ରରେ ୧୧ତମ ସ୍ଥାନରେ ରହିଛି । ତେଣୁ ବିଶ୍ୱସ୍ତରୀୟ ଏହିଭଳି ଶିକ୍ଷାନୁଷ୍ଠାନ ସହ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସହଯୋଗ ସ୍ଥାପନ କରିବା ଦ୍ୱାରା ଉଚ୍ଚଶିକ୍ଷାର ମାନ ବୃଦ୍ଧି ପାଇ ପାରିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଆଶା ବ୍ୟକ୍ତ କରିଛନ୍ତି ।

ରାମାସ୍ୱାମୀ ମନ୍ଦିର ପରିଚାଳନା କମିଟିର କର୍ମକର୍ତା ନିର୍ବାଚନ

ବଲାଙ୍ଗିର, ୦୭/୦୬ (ନି.ପ୍ର): ସ୍ଥାନୀୟ ମାଲପଡା ସ୍ଥିତ ରାମାସ୍ୱାମୀ ମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତା ଚୟନ ହୋଇଯାଇଛି । ଉମାଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆଗାମୀ ଦିନରେ ମନ୍ଦିରର ଉନ୍ନତି ପାଇଁ କଣ ସବୁ ପଦକ୍ଷେପ ଗ୍ରହଣ କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ନୂତନ କମକର୍ତା ଚୟନ କରାଯାଇଥିଲା । ପରିଚାଳନା କମିଟିର ସଭାପତି ଭାବରେ ଉମାଶଙ୍କର ପଣ୍ଡା ନିର୍ବାଚିତ ହୋଇଥିଲେ । ସମ୍ପାଦକ ଭାବରେ ବିକ୍ରମ ପାତ୍ର, ଉପସଭାପତି ଶଙ୍କର ପ୍ରସାଦ ମାଝୀ ଓ ମାର୍ଗଶୀର କର୍ମୀ, ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ ଓ କୋଷାଧ୍ୟକ୍ଷ ଭାବରେ ହିମାଂଶୁ ଶେଖର ପଣ୍ଡା ନିର୍ବାଚିତ ହୋଇଥିଲେ । ଅଡିଟର ଭାବରେ ସନ୍ତୋଷ ଦାଶଙ୍କୁ ବଛାଯାଇଥିଲା । ସେହିଭଳି କାର୍ଯ୍ୟକାରୀ କମିଟିରେ ଗୋକୁଳ କରଣ, ହରିଶ ବଗର୍ତୀ, ବୁଲୁ ଦାଶ, ସୋମ୍ୟଦୀପ ସରାଫ, ରବି ବାଗ, ଶାନ୍ତନୁ ଭାଟି, ମନୋଜ ବିଶି, ବଳଦେବ ହାତୀ, ସନୋଜ ମିଶ୍ର, ପ୍ରେମଜିତ ଯୋଷୀ, ପ୍ରେମା ମିଶ୍ର ଓ ଦେବାଶିଷ ଦାସ ଦାୟିତ୍ୱ ପାଇଥିଲେ । ନିର୍ମାଣଧୀନ ରାମାସ୍ୱାମୀଙ୍କ ଭବ୍ୟ ମନ୍ଦିରରେ ଏହି କମକର୍ତା ମାନେ ତାଙ୍କର ଦାୟିତ୍ୱ ସୁଚାରୁ ରୂପେ ବହନ କରିବେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା । ଏହି ମହତ୍ କାର୍ଯ୍ୟରେ ଜନସାଧାରଣ ସହଯୋଗର ହାତ ବଢାଇବାକୁ କମିଟି ତରଫରୁ ନିବେଦନ କରାଯାଇଥିଲା ।

ଧାନ ବଦଳରେ ଅଣଧାନ ଫସଲ ପାଇଁ ଜିଲ୍ଲାସ୍ତରୀୟ ବୈଠକ

କେନ୍ଦ୍ରାପଡ଼ା, ୦୭/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଧାନ ବଦଳରେ ଅଣ ଧାନ ଫସଲ କରିବା ପାଇଁ ବୃହତ ଉଠା ଜଳ ସେଚନ ମାଧ୍ୟମରେ ଚାଷୀ ମାନଙ୍କୁ ସଚେତନ କରାଇବା ପାଇଁ ଏକ ବୈଠକ ଆୟୋଜନ ହୋଇଛି । ଜିଲ୍ଲାପାଳ ଅମ୍ରିତ୍ ରତୁରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସି.ଡି.ଏ.ଓ ହିମାଂଶୁ ମୋହନ ମିଶ୍ର, ଯୋଜନା ଅଧିକାରୀ ତୁଷାରକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ସଚେତନ କରାଇବା ଓ ସରକାରୀ ଯୋଜନାଗୁଡିକ ଚାଷୀମାନଙ୍କ ନିକଟରେ ପହଁଚାଇବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକୁ ନିଯୁକ୍ତି ଦିଆ ଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକର କର୍ମଚାରୀ ମାନେ ଜିଲ୍ଲାର ବିଭିନ୍ନ ଅଂଚଳ ବୁଲି ଧାନ ବଦଳରେ ଅଣ ଧାନ ଫସଲ କରିବା ପାଇଁ ଚାଷୀମାନଙ୍କୁ ସଚେତନ କରାଇବେ ବୋଲି ଜଣାପଡିଛି ।

ଫିରିଙ୍ଗିଆ ବ୍ଲକ ଉପାଧକ୍ଷ ନିଖୋଜ ଘଟଣା

ଅପହରଣ ନାଟକ ରଚି, ନିଜ ପତିଆରା ବଢାଇବାକୁ ଉଦ୍ୟମ କଲେ ବ୍ଲକ ଉପାଧକ୍ଷ: ଉପାଧକ୍ଷଙ୍କ ସହ ୫ ସହଯୋଗୀ ଗିରଫ

କନ୍ଧମାଳ, ୦୭/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଉପାଧକ୍ଷ ନିଖୋଜ ମାମଲା ର ପର୍ଦାଫାଶ କରିଛି ଫିରିଙ୍ଗିଆ ପୋଲିସ। ବ୍ଲକ ଉପାଧକ୍ଷ ଅଜିତ କୁମାର ସାହୁଙ୍କୁ ନିଖୋଜ ଘଟଣାର ତିନିଦିନ ପରେ କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ସୁତ୍ରା ଅଂଚଳରୁ ସୁରକ୍ଷିତ ଭାବରେ ଉଦ୍ଧାର କଲାପରେ ସମସ୍ତ ତଥ୍ୟ ସାମନାକୁ ଆସିଛି। ଏକ ପ୍ରେସ ବିବୃତି ଜରିଆରେ ନିଖୋଜ ଘଟଣାର ଖୁଲାସା କରିଛନ୍ତି ଫୁଲବାଣୀ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ। ପୋଲିସ ର ସୂଚନା ଅନୁସାରେ ନିଜେ ବ୍ଲକ ଉପାଧକ୍ଷ ଅଜିତ କୁମାର ସାହୁ ଆଗକୁ ନିର୍ବାଚନ ଆସୁଥିବାରୁ ମିଡ଼ିଆ ସାମନାରେ ହାଇଲାଇଟ ହେବା ପାଇଁ ଏହି ଅପହରଣ ମାମଲା ନିଜେ ରଚିଥିଲେ। ଏହି ଅପହରଣ ନାଟକ ନିଜେ ରଚିଥିବା ଉପାଧକ୍ଷ ଜଣକ ମିଡ଼ିଆ ସମ୍ମୁଖରେ ସ୍ୱୀକାର ମଧ୍ୟ କରିଛନ୍ତି। ପୋଲିସ ର ସୂଚନା ଅନୁସାରେ ଉପାଧକ୍ଷଙ୍କ ପ୍ଲାନ ମୁତାବକ ଗତ ଦୁଇ ତାରିଖ ରାତ୍ର ପ୍ରାୟ ୯ଟା ସମୟରେ ଉପାଧକ୍ଷ ତାଙ୍କ ସହ ରତଙ୍ଗ ପଂଚାୟତର ସମିତି ସଭ୍ୟ ବିରଂଚି ମଳିକ ଓ ବସନ୍ତ ମଳିକ ନାମକ ଜଣେ ଗାଁ ସାଥି ଉପାଧକ୍ଷଙ୍କ କାରରେ ଜେଜେଶ ପାଙ୍ଗା ଗାଁ ରେ ହେଉଥିବା ଏକ କାର୍ଯ୍ୟକ୍ରମ ରେ ଅତିଥି ଭାବରେ ଯୋଗଦେବା ପାଇଁ ଯାଇଥିଲା ବେଳେ ଜାଜେସପାଙ୍ଗା ଓ ସାଡୀଙ୍ଗିଆ ଗାଁ ମାଝୀ ରାସ୍ତାରେ ପରିସ୍ରା ଯିବା ବାହାନା କରି ଗାଡି ରୁ ଓହ୍ଲାଇ ଥିଲେ। କିଛି ସମୟ ପରେ ଉପାଧକ୍ଷ ଜଣକ ପ୍ଲାନ ଅନୁସାରେ ତାଙ୍କର ଜଣେ ସହଯୋଗୀଙ୍କ ସହ ଏକ ବାଇକ ରେ ବସି ଘଟଣା ସ୍ଥଳରୁ ନିଖୋଜ ହୋଇଯାଇଥିଲେ। ଏହି ଘଟଣା ସମ୍ପୃକ୍ତ ସମିତି ସଭ୍ୟ ବିରଂଚି ମଳିକ ଓ ଗାଁ ସାଥି ବସନ୍ତ ମଳିକ ଜାଣି ଥିଲେ ମଧ୍ୟ ପୋଲିସକୁ କିଛି କହି ନଥିଲେ। ଦୁଇ ଦିନ ଧରି ଉପାଧକ୍ଷଙ୍କ ଫୋନ ବନ୍ଦ ଥିବା ବେଳେ ଘଟଣା କୁ ନେଇ ସମ୍ପୃକ୍ତ ସମିତି ସଭ୍ୟ ଙ୍କ ସହ ଉପାଧକ୍ଷ ଙ୍କ ପରିବାର ଲୋକେ ମଧ୍ୟ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାର ରେ କନ୍ଧମାଳ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଫିରିଙ୍ଗିଆ ଥାନା ଅଧିକାରୀ ତପନ କୁମାର ନାହାକଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ବିଭିନ୍ନ ଦିଗକୁ ନେଇ ତଦନ୍ତ କଲା ପରେ ସମିତି ସମ୍ପୃକ୍ତ ସମିତି ସଭ୍ୟ ଓ ଉପାଧକ୍ଷଙ୍କ ଫୋନ ଟ୍ରାକିଙ୍ଗରୁ ଅପହରଣ ନାଟକ ର ସମସ୍ତ ତଥ୍ୟ ସାମନାକୁ ଆସିଥିଲା। ଅନ୍ୟପଟେ ଏହି ଅପହରଣ ଘଟଣାରେ ଉପାଧକ୍ଷଙ୍କୁ ସହଯୋଗ କରିଥିବା ଓ ତାଙ୍କର ଏହି ଅପହରଣ ନାଟକରେ ସାମିଲ ଥିବା ଅଭିଯୋଗରେ ଉପାଧକ୍ଷ ଅଜିତ କୁମାର ସାହୁଙ୍କ ସହ ରତଙ୍ଗ ସମିତି ସଭ୍ୟ ବିରଂଚି ମଳିକ, ଗାଁ ସାଥି ବସନ୍ତ ମଳିକ,ବୌଦ୍ଧ ଜିଲ୍ଲା ଘଣ୍ଟାପଡା ଥାନା ରାହାମୁଣ୍ଡା ଗାଁ ର ଅଜିତ ରଣା, ତ୍ରିଲୋଚନ ଝାଙ୍କର ଓ ଯୋଗେଶ୍ୱର ରଣା ଙ୍କୁ ଗିରଫ କରିବା ସହ ଉପାଧକ୍ଷ ଙ୍କ କାର ଓ ଅପହରଣ ରେ ବ୍ୟବହୃତ ଦୁଇଟି ବାଇକ କୁ ଜବତ କରାଯାଇଛି। ଅନ୍ୟପଟେ ଏହି ଘଟଣାରେ ୯୦/୨୦୨୩ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଉପାଧକ୍ଷ ଅଜିତ କୁମାର ସାହୁ, ସମିତି ସଭ୍ୟ ବିରଂଚି ମଳିକ ଓ ଗାଁ ସାଥି ବସନ୍ତ ମଳିକ ସହ ଛଅ ଜଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ।

ତାଲପାଲି ଓ କନ୍ଧପାଲି ବନ୍ଧର ପୁନଃଉଦ୍ଧାର ଦାବିରେ ଧାରଣା ଦେଲେ ଅଂଚଳବାସୀ

ବଲାଙ୍ଗୀର, ୦୭/୦୬ (ନି.ପ୍ର): ସ୍ଥାନୀୟ ତାଲପାଲି ଓ କନ୍ଧପାଲି ବନ୍ଧର ତୁରନ୍ତ ପୁନଃ ଉଦ୍ଧାର ଦାବୀରେ ୱାର୍ଡ ନଂ ୨, ୩ ଓ ୪ର ବାସିନ୍ଦାମାନେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ରେ ଧାରଣା ଦେଇଛନ୍ତି। କ୍ରିୟାନୁଷ୍ଠାନ କମିଟିର ଆହ୍ୱାନରେ ଦିଆ ଯାଇଥିବା ଏହି ଧାରଣାରେ ବଲାଙ୍ଗିର ଏକ୍ସନ କମିଟିର ଅଧକ୍ଷ୍ୟ ଗୋପାଳଜୀ ପାଣିଗ୍ରାହୀ ଯୋଗ ଦେଇ ବଲାଙ୍ଗିର ସରକାରୀ ଅର୍ଥ ଆସିଥିବା ସତ୍ତ୍ୱେ ପୌରପାଳିକା ଓ ଜିଲ୍ଲାପ୍ରଶାସନ କେଉଁ ମାନସିକତା ଓ କେଉଁ ଉଦ୍ଦେଶ୍ୟ ନେଇ ବନ୍ଧମାନଙ୍କ ପୁନଃଉଦ୍ଧାର କରୁ ନାହାନ୍ତି ବୋଲି ପ୍ରଶ୍ନ କରିବା ସହ ଜନସାଧାରଣଙ୍କ ଏସବୁ ଦାବୀ ତୁରନ୍ତ ପୁରଣ ନହେଲେ ଆଗକୁ ଜୋରଦାର ଜନ ଆନ୍ଦୋଳନ ପାଇଁ ପ୍ରଶାସନ ପ୍ରସ୍ତୁତ ରହୁ ବୋଲି ଚେତାବନୀ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, କିଛି ବର୍ଷ ପୁର୍ବରୁ ତାଲପାଲି ଓ କନ୍ଧପାଲି ବନ୍ଧର ପାଣି ଲୋକେ ବ୍ୟବହାର କରୁଥିଲେ। କିନ୍ତୁ ବିଗତ କିଛି ବର୍ଷରେ ଏହି ଉଭୟ ବନ୍ଧ ଆବର୍ଜନା କୁଣ୍ଡରେ ପରିଣତ ହୋଇଛି । ଯଦ୍ୱାରା ଏହି ଜଳରାଶି ଆଉ ମଣିଷ ଉପଯୋଗୀ ହୋଇ ରହି ନାହିଁ। ଜନସାଧାରଣ ବନ୍ଧର ପୁନଃଉଦ୍ଧାର ପାଇଁ ପୌରାପାଳିକା ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରି ଆସିଛନ୍ତି । କିନ୍ତୁ ବିଭିନ୍ନ କାରଣ ଦର୍ଶାଇ ଜନସ୍ୱାର୍ଥକୁ ଅଣଦେଖା କରାଯାଇଛି। ଏପରିକି ମୃତ ବ୍ୟକ୍ତିଙ୍କ ଅନ୍ତେଷ୍ଟି ପାଇଁ ଉଭୟ ବନ୍ଧ ଉପରେ ବ୍ୟବସ୍ଥା ପାଇଁ ଅନେକ ଦିନ ହେଲା ଲୋକେ ଦାବିକରି ଆସୁଛନ୍ତି । କିନ୍ତୁ ନିର୍ବାଚନ ସମୟରେ ଏମାନେ କେବଳ ମିଛ ପ୍ରତିଶ୍ରୁତି ଦେଇ ନିର୍ବାଚନ ପରେ ଅଂଚଳବାସୀଙ୍କୁ ପ୍ରତାରଣା କରିଛନ୍ତି । ଯାହାଫଳରେ ଏମାନଙ୍କ ଉପରେ ଅଂଚଳବାସୀ ବିଶ୍ୱାସ ତୁଟିଯିବା ସହ ସେମାନଙ୍କ ମନରେ ଗଭୀର ଅସନ୍ତୋଷର ମଞ୍ଜି ବୁଣିଛି। ଏହା କେବଳ ଏହି ଗୋଟିଏ କିମ୍ବା ଦୁଇଟି ବନ୍ଧର ଅବସ୍ଥା ନୁହେଁ, ସାରା ସହରର ବନ୍ଧମାନଙ୍କର ସମାନ ଅବସ୍ଥା ରହିଛି । ବିଗତ ଦିନରେ ସେମାନେ ମଧ୍ୟ ସେମାନଙ୍କ ଅସୁବିଧା ନେଇ ଧାରଣାରେ ବସିବାକୁ ବାଧ୍ୟ ହୋଇଛନ୍ତି । ବଲାଙ୍ଗିର ଏକ୍ସନ କମିଟି ୬ମାସ ପୁର୍ବରୁ ସମସ୍ତ ବନ୍ଧକୁ ପୁନଃ ଉଦ୍ଧାର କରିବାକୁ ଦାବୀ ପ୍ରସ୍ତୁତ କରିଥିଲା । ତାହା ମଧ୍ୟ ଜିଲ୍ଲା ପ୍ରଶାସନ ଅଣଦେଖା କରି ଆସିଛି । ତୁରନ୍ତ ଏସବୁ ବନ୍ଧର ସଫେଇ ଓ ପଙ୍କ ଉଦ୍ଧାର କରାଯିବା ସହ ବନ୍ଧକୁ ପୁନଃଉଦ୍ଧାର କରା ନଗଲେ ଆଗାମୀ ଦିନରେ ଅଂଚଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ବଲାଙ୍ଗିର ଏକ୍ସନ କମିଟିର ସଭାପତି ଗୋପାଳଜୀ ପାଣୀଗ୍ରାହୀ ପୌରାପାଳିକା ଓ ଜିଲ୍ଲାପ୍ରଶାସନକୁ ଚେତାଇ ଦେଇଛନ୍ତି । ଆଜିର ଏହି ଧାରଣାରେ ଶତାଧିକ ଅଂଚଳବାସୀଙ୍କ ସମର୍ଥନରେ କଂଗ୍ରେସ ଦଳର ଉମା ଶଙ୍କର ପଣ୍ଡା, ମନୀଷ ମିଶ୍ର, ବୁଲୁଦାନୀ, ଜୁଲୁ ପଟ୍ଟନାୟକ, ଅସିତ ମିଶ୍ର, ଅରବିନ୍ଦ ପରୁଆ, ବଜରଙ୍ଗ ବନଛୋର, ରଜନୀ ବନଛୋର, ପଦ୍ମିନୀ ପରୁଆ, ମିରା ମଣ୍ଡଲ, ଆରତି ନାଗ, ସଞ୍ଜୟ ମିଶ୍ର, କୈଳାସ ମିଶ୍ର, ଅଙ୍କିତ ସାହୁ, ଲୋପନ ମିଶ୍ର, ନାସିର ଖାନ, ହିମାଂଶୁ ନାଏକ, ଅନୁପ ସାଏ, ବିଦ୍ୟାଧର ସାହୁ, ରୁପେଶ ନାଗ, ସୁରେଶ ନାଗ, ବର୍ଜ ସେଠି, ବେଟୁନ ସ୍ୱାଇଁ, ସାଇନା ବେଗମ, ସବିତା ଶତପଥୀ, ବବିତା ସାହୁ, ସୁଦାମ ସିଂ, ପ୍ରତ୍ୟୁଶ ପାଣିଗ୍ରାହୀ, ଗୌରି ମିଶ୍ର, ସତ୍ୟଭାମା ପୁଟେଲ ଓ ଜୟନାରାୟଣ ବହିଦାର ପ୍ରମୁଖ ପୌରପାଳିକାର କାର୍ଯ୍ୟକଳାପ ଉପରେ ବର୍ଷିଥିଲେ ।

ରାଜ୍ୟପାଳଙ୍କ ଦ୍ୱାରା 'ଶ୍ରୀ ଲକ୍ଷ୍ମଣା ପରିଣୟଂ' ମହାକାବ୍ୟର ଓଡିଆ ପଦ୍ୟାନୁବାଦ ଉନ୍ମୋଚିତ

ଭୁବନେଶ୍ୱର, ୦୭/୦୬ (ନି.ପ୍ର): ଓଡ଼ିଶାରେ ସଂସ୍କୃତ ସାହିତ୍ୟର ସମୃଦ୍ଧ ପରମ୍ପରା ରହିଛି। ସେହି ପରମ୍ପରାର ପରିପୁଷ୍ଟି ଓ ପ୍ରସାର ପାଇଁ ବିଶେଷ ଉଦ୍ୟମ ହେବା ଦରକାର। ପଣ୍ଡିତ କବିଚନ୍ଦ୍ର ଶ୍ରୀ ଭୁବନେଶ୍ୱର ରଥ ଶର୍ମଣାଙ୍କ 'ଶ୍ରୀ ଲକ୍ଷ୍ମଣା ପରିଣୟଂ' ମହାକାବ୍ୟର ଓଡିଆ ପଦ୍ୟାନୁବାଦ ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ଆଜି ରାଜଭବନରେ ଆୟୋଜିତ ଏକ ଉତ୍ସବରେ ପଣ୍ଡିତ କବିଚନ୍ଦ୍ର ଶ୍ରୀ ଭୁବନେ

ସୁସ୍ଥ ରହିବାକୁ ଚାହୁଁଥିଲେ...





ଏକ ଉତ୍ତମ ତଥା ସୁସ୍ଥ ଜୀବନଶୈଳୀ ନିମନ୍ତେ ଖାଦ୍ୟପାନୀୟ ସହିତ ଅନ୍ୟ କେତେକ ଦିଗ ପ୍ରତି ମଧ୍ୟ ସତର୍କ ରହିବା ଜରୁରୀ ବୋଲି ବିଶେଷଜ୍ଞଙ୍କ ମତ । ନିୟମିତ ଭାବେ ପ୍ରଥମେ ଘରେ ବ୍ୟାୟାମ, ପ୍ରାଣାୟମ, ଯୋଗ ଅଭ୍ୟାସ କରନ୍ତୁ । ଜିମ୍ ଯିବାକୁ ବେଳ ନଥିଲେ ବ୍ୟତିବ୍ୟସ୍ତ ନ ହୋଇ ଦିନଚର୍ଯ୍ୟା ଆରମ୍ଭ କରନ୍ତୁ ।

ଆଲିକାଲି ୟୁ-ଟ୍ୟୁବ୍ ସହାୟତାରେ ଘରେ ରହି ମଧ୍ୟ ଏରୋବିକ୍ସ କରିପାରିବେ । ଓଜନ ନିୟନ୍ତ୍ରଣ ସହ ମେଦ ବୃଦ୍ଧି ନ ହେବା ନିମନ୍ତେ ଏହା ଏକ ଉତ୍ତମ ମାଧ୍ୟମ ଅଟେ ।

ଘର କାମ ନିଜେ କରନ୍ତୁ ଯେପରି ଓଳାଇବା, ପୋଛିବା, ସଫାସଫି କରିବା ଇତ୍ୟାଦି । ଏସବୁ ମଧ୍ୟ ଏକପ୍ରକାରର ବ୍ୟାୟାମ ଅଟେ । ପୂର୍ବେ ଲୋକେ ନିଜେ ଏସବୁ କାମ କରି ସୁସ୍ଥ ରହିବା ସହ ସେମାନଙ୍କର ଓଜନ ମଧ୍ୟ ବଢୁନଥିଲା । ଏବେ କିନ୍ତୁ ସବୁ କାମକୁ ଯନ୍ତ୍ର ଅଥବା ସେବାକାରୀ ସହାୟତାରେ କରି ଶରୀରକୁ ଆରାମ ଦେବା ସହ ଲୋକ ଅନ୍ୟନାନ୍ୟ ରୋଗକୁ ମଧ୍ୟ ନିମନ୍ତ୍ରଣ ଜଣାଉଛନ୍ତି ।

ସମୟ ଥିଲେ, ଘର ଆଖପାଖ ସ୍ଥାନରେ ପ୍ରତ୍ୟହ ସାଇକଲ ଚଳାଇବାର ଅଭ୍ୟାସ କରନ୍ତୁ । ବିଶେଷଜ୍ଞଙ୍କ ମତରେ ଶରୀର ପାଇଁ ଏହା ଏକ ଉତ୍କୃଷ୍ଟ ବ୍ୟାୟାମ । ନିୟମିତ ସକାଳ-ସନ୍ଧ୍ୟାରେ ୧୫-୨୦ ମିନିଟ ସାଇକେଲ ଚଳାନ୍ତୁ, ଫୂର୍ତ୍ତି ଲାଗିବ ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଗ କରିବାକୁ କଷ୍ଟ ଲାଗେ, କିନ୍ତୁ ଦନି କେଇଟାର ଅଭ୍ୟାସ ପରେ ଏହା ମଧ୍ୟ ସୁନ୍ଦର ତଥା ସୁଠାମ ଶରୀର ଗଢ଼ିବାରେ ସହାୟକ ହୋଇଥାଏ ।

ନୂଆ ଟ୍ରେଣ୍ଡ ଚକୋଲେଟ୍ ୱାକ୍ସ

ହାତ ଏବଂ ଗୋଡ଼ରୁ ରୁମ ସଫା କରିବା ପାଇଁ ୱାକ୍ସ କରିବାକୁ ଅନେକେ ପସନ୍ଦ କରୁଥିବା ବେଳେ ଏବେ ଏହି ଧାରାରେ ଆଗରେ ରହିଛି ଚକୋଲେଟ୍ ୱକ୍ସ । ଯଦିଓ ନର୍ମାଲ୍ ୱାକ୍ସ ଠାରୁ ଏହା କରିବା ବ୍ୟୟ ସାପେକ୍ଷ, ତଥାପି ଏହାର ପ୍ରଭାବ ବେଶ୍ ଭଲ ରହୁଥିବାରୁ ଲୋକଙ୍କ ମଧ୍ୟରେ ଏଥିପ୍ରତି ରୁଚି ବଢ଼ିବାରେ ଲାଗିଛି ।

ଚକୋଲେଟ୍ ୱାକ୍ସରେ ଥିବା କୋକୋ କାରଣରୁ ତ୍ୱଚା ଅଧିକ ଚିକ୍କଣ ହୋଇଥାଏ । ଏଥିସହ ଶରୀରରେ ଥିବା ଡେଡ୍ ସବୁ ବାହାରି ଯାଇଥାଏ । ଚକୋଲେଟ୍ ୱାକ୍ସ ପରେ ସ୍କିନ୍ ଆହୁରି ସଫା ଏବଂ କୋମଳ ହୋଇଥାଏ । ସାଧାରଣତଃ ନର୍ମାଲ୍ ୱାକ୍ସ କରିବାର ଦିନେ ଦୁଇଦିନ ପରେ ପୁଣିଥରେ ଶରୀରରେ ହାଲ୍କା ରୁମ ଉଠିବା ଦେଖିବାକୁ ମିଳିଥାଏ । ମାତ୍ର ଏହି କ୍ଷେତ୍ରରେ ରୁମ ଦୀର୍ଘଦୀନ ପର୍ଯ୍ୟନ୍ତ ଉଠି ନଥାଏ । ତେଣୁ ଏବେ ବ୍ୟୟ ସାପେକ୍ଷ ସତ୍ତ୍ୱେ ଅନେକେ ଏଭଳି ୱାକ୍ସ ପ୍ରତି ଆଗ୍ରହ ଦେଖାଉଛନ୍ତି ।

ଅଧିକ ପ୍ରୋଟିନ ସେବନ ନେଇଯିବ ଜୀବନ

ମଣିଷ ଶରୀରର ବିକାଶ ପାଇଁ ବିଭିନ୍ନ ପ୍ରକାରର ଭିଟାମିନ, ମିନେରାଲ, କ୍ୟାଲସିୟମ ଓ ପ୍ରୋଟିନର ଆବଶ୍ୟକତା ପଡ଼ିଥାଏ । ତେବେ ଆଜିକାଲିର ଯୁବପୀଢ଼ି ବିଶେଷ କରି ଜିମ ଯାଉଥିବା ବ୍ୟକ୍ତିମାନେ ନିଜର ସ୍ୱାସ୍ଥ୍ୟକୁ ବଳିଷ୍ଠ କରିବା ପାଇଁ ହାଇ ପ୍ରୋଟିନଯୁକ୍ତ ଖାଦ୍ୟ ସେବନ କରିଥାନ୍ତି । ତେବେ ଅତ୍ୟଧିକ ପ୍ରୋଟିନର ସେବନ ଆଜି ମଣିଷକୁ ବିପଦ ଆଡ଼କୁ ଟାଣି ନେଉଛି । ଏଥିପାଇଁ ଜଣେ ଅଷ୍ଟିଓପୋରୋସିସ ଭଳି ରୋଗରେ ସଂକ୍ରମିତ ହେବାର ଆଶଙ୍କା ଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି । ବିଶେଷଜ୍ଞଙ୍କ ମତରେ, ଅନେକ ଲୋକ ନିଜ ଶରୀରର ପୋଷକ ତତ୍ତ୍ୱ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆନିମଲ ପ୍ରୋଟିନ ସେବନ କରିଥାନ୍ତି । ତେବେ ଏହି ପ୍ରୋଟିନ ଦ୍ୱାରା ଆମର ହାଡ଼ ଡ୍ୟାମେଜ ହେବାର ସମ୍ଭାବନା ରହିଥାଏ । ଶରୀର ପାଇଁ ଯେତିକି ପ୍ରୋଟିନ ଆବଶ୍ୟକ ସେତିକି ସେବନ କରିବା ଠିକ୍ ଅଛି । ମାତ୍ରାଧିକ ସେବନ କରିବା ଦ୍ୱାରା ଏହାର ପ୍ରଭାବ ଆମର ଶରୀର ଉପରେ ପଡ଼ିଥାଏ । ସାଧାରଣ ଭାବେ କହିବାକୁ ଗଲେ ମାଛ, ଚିକେଟ, ରେଡ ମିଟରୁ ହାଇ ପ୍ରୋଟିନ ମିଳିଥାଏ । ଲାଲ ମିଟ ଆମ ଶରୀର ପାଇଁ ବହୁତ କ୍ଷତିକର ଅଟେ । ଆମେ ଖାଉଥିବା ମାଂସରେ ଫସଫରସର ମାତ୍ରା ଅଧିକ ରହିଥିବା ବେଳେ ତାହା ହାଡ଼ ପାଇଁ ବହୁତ କ୍ଷତିକାରକ ହୋଇଥାଏ । ଆନିମଲ ପ୍ରୋଟିନ ରକ୍ତକୁ ଏସିଡିକ କରିଦେବା ସହ ହାଡ଼ରୁ କ୍ୟାଲସିୟମରୁ ବାହାର କରିଦେଇଥାଏ । ମାଂସ ଖାଉଥିବା ଲୋକଙ୍କ କ୍ଷେତ୍ରରେ ଅଷ୍ଟିଓପୋରୋସିସ ଓ ହାଡ଼ ଭାଙ୍ଗିବା ସମ୍ଭାବନା ଅଧିକ ରହିଥାଏ ।

ଏହି ୩ଟି ଜିନିଷ ଉପରେ ଦିଅନ୍ତୁ ଧ୍ୟାନ: ସୁସ୍ଥ ରହିବା ସହ ଦେଖାଯିବେ ଉଜ୍ୱଳ

ସେନ୍ସ ଅଫ ହ୍ୟୁମର: ଆତ୍ମବିଶ୍ୱାସ ଏବଂ ସରଳତା ଆପଣଙ୍କ ଗୁଣ ଅଟେ, ଯାହା ଆପଣଙ୍କୁ ସମସ୍ତ ସ୍ଥାନରେ ଉଜ୍ୱଳିତ କରିଥାଏ । ହୃଦୟର ସହ ହସିବା ଏବଂ ଛୋଟ ଛୋଟ ଜିନିଷରେ ଖୁସି ରହିବା ଆବଶ୍ୟକ । ଏହା କରିବା ଦ୍ୱାରା ଆପଣଙ୍କ ଆଖ ପାଖରେ ସକରାତ୍ମକ ପରିବେଶ ସୃଷ୍ଟି କରିପାରିବେ ।

ସତ୍ୟ : ନିଜ ଭିତରେ ସତ୍ୟତା ରଖିବା, ଯାହାକି ଏହି ପ୍ରକୃତି ସମସ୍ତ ଲୋକଙ୍କୁ ଆକର୍ଷିତ କରିଥାଏ । ନିଜ ମଧ୍ୟରେ ଥିବା ବ୍ୟକ୍ତିତ୍ୱକୁ ପ୍ରକାଶ କରିବା ଉପରେ ଅଧିକ ଧ୍ୟାନ ଦେବା ଉଚିତ୍ ।

ସହାନୁଭୂତି : ଅନ୍ୟ ମାନଙ୍କ ପ୍ରତି ଦୟା ଓ ସହାନୁଭୂତି ଦେଖାଇବା ଏକ ଏମିତି ଗୁଣ ଯାହା ଉପରେ କେବେ ମଧ୍ୟ ଧ୍ୟାନ ଦିଅନ୍ତି ନାହିଁ ଧ୍ୟାନର ସହ ଶୁଣିବାର ଅଭ୍ୟାସ କରିବା ସହ, ପାଖରେ ଥିବା ଲୋକଙ୍କ ପ୍ରତି ଭାବପ୍ରବଣତା ପ୍ରଦାନ କରନ୍ତୁ ।

ଯେଉଁ ଜିନିଷ ଗୁଡ଼ିକ ଆପଣଙ୍କୁ ଉଜ୍ୱଳିତ କରିଥାଏ, ସେ ସବୁ ଆପଣଙ୍କ ପାଖରେ ହିଁ ରହିଛି । ମୁଖ୍ୟତଃ ୩ଟି ଜିନିଷ ଦ୍ୱାରା ଏହା ସମ୍ଭବ ହୋଇଥାଏ । ଜଣେ ଲୋକର ବ୍ୟକ୍ତିତ୍ୱ, ଭାବନା ଏବଂ କାମ କରିବାର ଦକ୍ଷତା ଅନ୍ୟମାନଙ୍କ ଆକର୍ଷଣ କରିଥାଏ । ଆମେ ଏଭଳି ସମାଜରେ ବାସକରୁ ଯେଉଁଠାରେ ଲୋକମାନେ ଶାରୀରିକ ରୂପ ପ୍ରତି ଅଧିକ ଗୁରୁତ୍ୱ ଦେଇଥାନ୍ତି । କିନ୍ତୁ ଏହା ମନେ ରଖିବା ଉଚିତ୍ ଯେ, ପ୍ରକୃତରେ ସୁନ୍ଦରତା ଆମ ଅନ୍ତ ଗୁଣ, ଯେପରିକି ସର୍ବଦା ଖୁସି ରହିବା, ଖାଦ୍ୟ ପାନୀୟରେ ଠିକ୍ ରଖିବା ସହ ଶୋଇବା ଏବଂ ଯୋଗ ତଥା ବ୍ୟାୟାମ କରିବା ଦ୍ୱାରା ମିଳିଥାଏ । ତେବେ ଆସନ୍ତୁ ଜାଣିବା ସେହି ୩ଟି ଜିନିଷ ବିଷୟରେ...

ଖରାଦିନେ ବ୍ଲଡ଼ ପ୍ରେସରକୁ କମାଇବାକୁ ଚାହୁଁଛନ୍ତି କି ?: ତେବେ ଖାଆନ୍ତୁ ଏହି ଖାଦ୍ୟ

ଆଜିକାଲି ଅଧିକାଂଶ ଲୋକ ରକ୍ତଚାପ ବା ବ୍ଲଡ଼ ପ୍ରେସର ରୋଗରେ ପୀଡ଼ିତ । ଉଚ୍ଚ ରକ୍ତଚାପ ଶରୀରର ରକ୍ତପ୍ରବାହ ଉପରେ କୁପ୍ରଭାବ ପକାଇଥାଏ । ଯେଉଁ ବ୍ୟକ୍ତିଙ୍କର ଏପରି ସମସ୍ୟା ରହିଛି, ସେମାନଙ୍କୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ରଖିବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି । ବିଶେଷକରି ଖରାଦିନେ ରକ୍ତଚାପ ଥିବା ରୋଗୀଙ୍କ ଜୀବନ ପ୍ରତି ଅଧିକ ବିପଦ ରହିଥାଏ । ଏଥିରୁ ମୁକ୍ତି ପାଇବା ପାଇଁ ଏହି ଖାଦ୍ୟ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି । ଆସନ୍ତୁ ଜାଣିବା ଏ ସମ୍ପର୍କରେ...

- ରକ୍ତଚାପ ଥିବା ରୋଗୀଙ୍କ ପାଇଁ ଜାମୁକୋଳି ବହୁ ଉପକାରୀ । ଏଥିରେ ଫ୍ଲାଭୋନଏଡ୍ ?ର ପରିମାଣ ଅଧିକ ଥିବାରୁ ଏହା ହୃଦ୍‌ଜନିତ ସମସ୍ୟା ଦୂର କରିଥାଏ ।
- ଖରାଦିନେ ପ୍ରାୟ ସମସ୍ତେ ତରଭୁଜ ଖାଇବାକୁ ଭଲ ପାଇଥାନ୍ତି । ଏହା ରକ୍ତଚାପ ନିୟନ୍ତ୍ରଣ ସହ ଧମନୀ ଓ ହୃତପିଣ୍ଡ ଉପରେ ପଡୁଥିବା ଚାପକୁ କମ୍ କରିଥାଏ ।
- ଗରମ କ୍ଷୀରରେ ଅଧିକ ପରିମାଣରେ କ୍ୟାଲସିୟମ ଏବଂ ଭିଟାମିନ-'ଡି' ରହିଛି । ଏହା ଉଚ୍ଚ ରକ୍ତଚାପକୁ କମାଇଥାଏ । ନ୍ୟାସନାଲ ହେଲ୍‌ଥ ସର୍ଭେରୁ ଜାଣିବାକୁ ମିଳିଛି ଯେ, ପ୍ରତିଦିନ ଗୋଟେ ଗ୍ଲାସ ଗରମ କ୍ଷୀର ପିଇବା ଦ୍ୱାରା ରକ୍ତଚାପ କମିଯାଏ ।
- ଖରାଦିନେ ଥଣ୍ଡା ଦହି ପିଅନ୍ତୁ । ଏହା ଦ୍ୱାରା ଶରୀରରେ ଜଳୀୟଅଂଶ ଠିକ୍ ରହିବା ସହ ରକ୍ତଚାପ ମଧ୍ୟ ନିୟନ୍ତ୍ରିତ ହୋଇଥାଏ ।

ମିଠା ଖାଇବା ପରେ ପାଣି ପିଇବା ଭୟଙ୍କର: ପେଟରେ ବିଷକ୍ରିୟା ସୃଷ୍ଟି ହେବ, ବ୍ଲଡ ଶୁଗର୍ ସ୍ତର୍ ବୃଦ୍ଧି ପାଇବ-ରିସର୍ଚ୍ଚ

ଆମେ ଦୈନନ୍ଦିନ ଜୀବନରେ ଖାଦ୍ୟପେୟକୁ ନେଇ ଏପରି ଅନେକ ଭୁଲ୍ କରିଥାଉ । ମାତ୍ର ଏହି ଭୁଲର ପରିଣାମ ଯେ କେତେ ଭୟଙ୍କର ହୋଇଥାଏ, ତାହା ଆମକୁ ଜଣାନଥାଏ । କିଛି ଲୋକ ମିଠା ଖାଇବା ପରେ ଢକଢକ କରି ପାଣି ପିଇ ଯାଇଥାନ୍ତି । ତେବେ ଏହା ଏକ ଖରାପ ଅଭ୍ୟାସ । ଏହା ଶରୀରରେ ବିଷକ୍ରିୟା ସୃଷ୍ଟି କରିଥାଏ । ନିକଟରେ ଆମେରିକାର ସୁରୀନାମର ବୈଜ୍ଞାନିକମାନେ ଏ ନେଇ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ପର୍ଦ୍ଦାଫାଶ କରିଛନ୍ତି । ପାଣି ସହିତ ମିଠା ଓ ବିନା ପାଣିରେ ମିଠା ଖାଉଥିବା ଲୋକଙ୍କ ବ୍ଲଡ ଶୁଗର ସ୍ତରକୁ ବିଶ୍ଳେଷଣ କରାଯାଇଥିଲା । ତେବେ ଯେଉଁ ଲୋକମାନେ ପାଣି ସହିତ ମିଠା ଖାଇଥିଲେ ସେମାନଙ୍କର ବ୍ଲଡ ଶୁଗର ସ୍ତର ଅଧିକ ରହିଥିଲା । ଏକ ରିସର୍ଚ୍ଚ ମୁତାବକ, ଆପଣ ଯେତେ ଅଧିକ ପାଣି ପିଇଥାନ୍ତି, ସେହି ଅନୁପାତରେ କମ୍ ଶୁଗର ଓ ସାଚୁରେଟେଡ ଫ୍ୟାଟରେ ଭରପୁର ଖାଦ୍ୟ ପଦାର୍ଥ ଖାଇଥାନ୍ତି । ମାତ୍ର ଏବେ ନୂଆ ରିପୋର୍ଟ ମୁତାବକ, ଖାଇବା ପରେ ପାଣି ପିଇବା ଦ୍ୱାରା ବ୍ଲଡ ଶୁଗର ଲେବଲ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇପାରେ । ଏଣ୍ଟୋନ ଡି କମ ବିଶ୍ୱବିଦ୍ୟାଳୟର ପକ୍ଷରୁ କରାଯାଇଥିବା ରିସର୍ଚ୍ଚରେ କେବଳ ମିଠାକୁ ସାମିଲ କରାଯାଇଥିଲା । ମାତ୍ର ଅନ୍ୟ ଖାଦ୍ୟ ପଦାର୍ଥ ଉପରେ ମଧ୍ୟ ଏହା ଲାଗୁ ହେବ ବୋଲି କୁହାଯାଇଛି । ଏଥିରେ ୩୫ ଜଣ ଲୋକଙ୍କ ରକ୍ତ ଶର୍କରାର ସ୍ତରକୁ ପରୀକ୍ଷା କରାଯାଇଥିଲା । ତେବେ ମିଠା ଖାଇବା ପରେ ପାଣି ପିଇଥିବା ଲୋକଙ୍କ ରକ୍ତରେ ଗ୍ଲୁକୋଜ ସ୍ତର ଅନ୍ୟ ଲୋକଙ୍କ ତୁଳନାରେ ଦୁଇଗୁଣ ଅଧିକ ଥିବା ଜଣାପଡ଼ିଥିଲା । ମିଠାରେ ରହିଥିବା ଗ୍ଲୁକୋଜ ପେଟ ଦ୍ୱାରା ଖାଲି ହେବା ପାଇଁ ଲାଗୁଥିବା ସମୟକୁ ଧୀମା କରିଦେଇଥାଏ । ଫଳରେ ତରଳ ପଦାର୍ଥ ଅନ୍ତ ପର୍ଯ୍ୟନ୍ତ ପହଞ୍ଚି ପାରିନଥାଏ । ତେଣୁ ଆପଣଙ୍କୁ ଶୋଷ ଲାଗିଥାଏ । ଯଦି ଆପଣ ପାଣି ପିଅନ୍ତି ତେବେ ଶୋଷ ମେଣ୍ଟି ନଥାଏ ।

ସୁଖ୍ୟାତି ପାଇଁ ପୁରସ୍କୃତ ଗ୍ରାମ

ଛତିଶଗଡ଼ର ଯଶପୁର ଜିଲାର ଏକ ଛୋଟ ଗ୍ରାମ ହେଉଛି କନମୋରା । କିଛି ବର୍ଷ ତଳେ ପୂରା ରାଜ୍ୟରେ ଏହି ଗ୍ରାମ ନିଜ କୁଖ୍ୟାତି ପାଇଁ ଜଣାଯାଉଥିଲା । ଗ୍ରାମର ପ୍ରତ୍ୟେକ ବୟସର ପୁରୁଷ ନିଶାଗ୍ରସ୍ତ ରହି ବିଭିନ୍ନ ଅପରାଧକାଣ୍ଡମାନ କରୁଥିଲେ । ଏଇ କାରଣରୁ ନିୟମିତ ପୁଲିସ୍ ମଧ୍ୟ ଗାଁକୁ ଆସୁଥିଲା । ଏଭଳି ଦୃଶ୍ୟପଟ ୭ ବର୍ଷ ତଳେ ଥିଲା । ଏବେ କିନ୍ତୁ କନମୋରା ଗ୍ରାମ ନିଜ ସୁଖ୍ୟାତି ନିମନ୍ତେ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି । ଗ୍ରାମର ପ୍ରତ୍ୟେକ ଆରମ୍ଭ କରିଥିଲେ ସେଠାରେ ମହିଳାମାନେ । ଆରମ୍ଭ ସମୟରେ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କିନ୍ତୁ ନିଜ ଆନ୍ଦୋଳନରୁ ପଛଘୁଞ୍ଚା ଦେଇନଥିଲେ । ଗାଁର ଜନୈକ ମହିଳା ହେଉଛନ୍ତି ୬୪ ବର୍ଷୀୟା ନିରୁ ଲାକ୍ରା । ସ୍ୱାମୀ ତାଙ୍କର ଏଇ ନିଶା ସେବନ କରି ଅକାଳରେ ପ୍ରାଣ ହରାଇଥିଲେ । ଦୁଇ ପୁଅ ମଧ୍ୟ ଯୁବକବେଳୁ ପିଇବା ଆରମ୍ଭ କଲେ । ବୋହୂ ଦୁହେଁ ଯେତେ ବୁଝାଇଲେ ମଧ୍ୟ କିଛି ଫଳ ମିଳିନଥିଲା । ଶେଷରେ ମହିଳାଙ୍କ ଏହି ଅଭିଯାନରେ ସେମାନେ ସାମିଲ ହୋଇ ନିଜ ଘରୁ ନିଶାଦ୍ରବ୍ୟ ଫିଙ୍ଗିବା ସହ ନିଶାଦ୍ରବ୍ୟ ପ୍ରସ୍ତୁତି ସରଞ୍ଜାମକୁ ମଧ୍ୟ ଜାଳିପୋଡ଼ି ଦେଲେ । କିଛି ଦିନ ଏହି ଆନ୍ଦୋଳନ ଚାଲିଲା । ଶେଷରେ ଗାଁର ପୁରୁଷମାନେ ବୁଝିପାରିଥିଲେ ସେମାନଙ୍କ ସୁସ୍ୱାସ୍ଥ୍ୟ ପାଇଁ ହିଁ ଏଭଳି ପଦକ୍ଷେପ ନିଆଯାଉଛି । ଆଜିର ସମୟରେ ଗାଁର କୌଣସି ପୁରୁଷ ନିଶା ଦ୍ରବ୍ୟକୁ ସ୍ପର୍ଶ ମଧ୍ୟ କରୁନାହାନ୍ତି । ଏପରିକି ଗତ ୭ ବର୍ଷ ମଧ୍ୟରେ ଗାଁରେ କିମ୍ବା ପାଖ ଗ୍ରାମରେ କୌଣସି ଚୋରୀ, ଡକାୟତି ମଧ୍ୟ ହୋଇନାହିଁ, ତେଣୁ ପୁଲିସ ଆସିବାର ଆବଶ୍ୟକତା ପଡ଼ିନାହିଁ ।

ଜୁନ୍‌ରେ ଜନ୍ମ ହୋଇଥିବା ଲୋକମାନେ ହୋଇଥାନ୍ତି ବହୁତ ଭାଗ୍ୟବାନ: ଜାଣନ୍ତୁ ସେମାନଙ୍କର ସ୍ୱଭାବ

ଜୁନ୍ ହେଉଛି ଚଳିତ ବର୍ଷର ଷଷ୍ଠ ମାସ । ଏହି କାରଣରୁ ଆଜି ଆମେ ଜୁନରେ ଜନ୍ମ ହୋଇଥିବା ଲୋକମାନଙ୍କ ବିଷୟରେ କହିବାକୁ ଯାଉଛୁ, ସେମାନଙ୍କର ପ୍ରକୃତି ଏବଂ ବ୍ୟକ୍ତିତ୍ୱ କିପରି ? ଏହା ସହିତ ତାଙ୍କ କ୍ୟାରିଅର୍ ଜୀବନ କିପରି ଏବଂ ତାଙ୍କ ଭିତରେ କେଉଁ ଜିନିଷଗୁଡ଼ିକ ଖାସ୍ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଯେଉଁମାନେ ଜୁନ୍ ମାସରେ ଜନ୍ମ ହୁଅନ୍ତି, ସେମାନଙ୍କର ରାଶି ଚିହ୍ନ ମିଥୁନ କିମ୍ବା କର୍କଟ ହୋଇଥାଏ ।

ସ୍ୱଭାବ : ଜ୍ୟୋତିଷ ଶାସ୍ତ୍ରରେ କୁହାଯାଇଛି ଯେ, ଯେଉଁମାନେ ଜୁନ୍ ମାସରେ ଜନ୍ମ ହୁଅନ୍ତି ସେମାନେ ସ୍ୱଭାବରେ ନମ୍ର ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ସର୍ବଦା ପ୍ରସ୍ତୁତ ଥାଆନ୍ତି । ଏହି ଲୋକମାନେ କାହାକୁ ସାହାଯ୍ୟ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ । ଏହି କାରଣରୁ ଏହି ଲୋକମାନେ ଅନ୍ୟମାନଙ୍କ ମଧ୍ୟରେ ଏକ ଭିନ୍ନ ପରିଚୟ ସୃଷ୍ଟି କରନ୍ତି । ଏହି ଲୋକମାନେ ବହୁତ ସହଭାଗୀ ଏବଂ ସେମାନେ ଯେଉଁଆଡେ ଯାଆନ୍ତି, ଶୀଘ୍ର ଲୋକଙ୍କୁ ନିଜର କରନ୍ତି । ଏହି ଲୋକମାନେ କୌଣସି କାର୍ଯ୍ୟରେ ଜଲଦୀ ନିଷ୍ପତ୍ତି ନେବା ପସନ୍ଦ କରନ୍ତି ନାହିଁ ।

ମୁଡ୍ : ଜୁନ୍ ମାସରେ ଜନ୍ମ ହୋଇଥିବା ଲୋକମାନଙ୍କ ବିଷୟରେ କିଛି କହିହେବ ନାହିଁ । ଏହି ଲୋକମାନେ କିଛି ମିନିଟରେ କ୍ରୋଧିତ ହୁଅନ୍ତି ଏବଂ ଖୁସି ହୁଅନ୍ତି । ସେମାନଙ୍କର ମୁଡ୍ ଯେକୌଣସି ସମୟରେ ପରିବର୍ତ୍ତନ ହୁଏ । ଏହି ଲୋକମାନେ ବହୁତ କ୍ରୋଧ କରନ୍ତି, କିନ୍ତୁ ସେମାନେ ହୃଦୟ ଅତି ନିର୍ମଳ । ଏହି ଲୋକମାନେ ନିଜ ଭାବନାକୁ ସହଜରେ କାହା ସହିତ ବାଣ୍ଟନ୍ତି ନାହିଁ ।

ବୃତ୍ତି : ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଜୁନ୍ ମାସରେ ଜନ୍ମ ହୋଇଥିବା ଅଧିକାଂଶ ଲୋକ ଅଧିକାରୀ, ଶିକ୍ଷକ, ମ୍ୟାନେଜର, ସାମ୍ବାଦିକ ଏବଂ ଡାକ୍ତର ହୋଇଥାନ୍ତି । ଏହି ଲୋକମାନେ ନାଚିବା ଏବଂ ଗୀତ ଗାଇବାକୁ ବହୁତ ଭଲ ପାଆନ୍ତି । ଏହି ଲୋକମାନେ ଟିକେ ଜିଦଖୋର ଅଟନ୍ତି । ଏହି ଲୋକମାନେ କଳ୍ପନାରେ ହଜିଯାଇଛନ୍ତି ଏବଂ ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ରୁହନ୍ତି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଜନତାର ଶାସନ...

ଗଣତନ୍ତ୍ର ଶବ୍ଦର ଅର୍ଥ ଗଣମାନଙ୍କର ଅର୍ଥାତ୍ ସାଧାରଣ ଜନତାଙ୍କର ଶାସନକୁ ବୁଝାଇ ଥାଏ, ଯେଉଁଥରେ ଏଇ ସାଧାରଣ ଲୋକମାନେ ସେମାନଙ୍କର ବୁଦ୍ଧି ବିବେକର ଉପଯୋଗ କରି ନେତା ବାଛିଥାନ୍ତି ସେମାନଙ୍କ ପାଇଁ ଭଲମନ୍ଦ ଚିନ୍ତା କରି ପଦକ୍ଷେପ ନେବାକୁ ; ସେମାନଙ୍କୁ ଶାସନ କରିବାକୁ । ଏଇ ଲୋକମାନଙ୍କର କ୍ଷମତା ମଧ୍ୟ ଥାଏ କୌଣସି ନେତା କିଛି ଭୁଲ୍ କଲେ, ସେ ସମ୍ପର୍କରେ ଖୋଲାଖୋଲି ଆଲୋଚନା କରିବାକୁ ; ସେମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏବଂ ପରିଶେଷରେ ଲୋକମାନଙ୍କ ହାତରେ ମଧ୍ୟ କ୍ଷମତା ଥାଏ ନେତା ପରିବର୍ତ୍ତନ କରିବାର- ଜନମତ । ଭୋଟ୍ ମାଧ୍ୟମରେ । ଭାରତରେ ଗଣତନ୍ତ୍ର କାହିଁ କେଉଁ ଯୁଗରୁ ଚଳି ଆସିଥିବା ଜଣାଯାଏ । ପରନ୍ତୁ, ବ୍ରିଟିଶ ଶାସନ କାଳରେ ଇଂରେଜମାନଙ୍କ ଦ୍ୱାରା ଏହାର ହତ୍ୟା କରାଯାଇଥିଲା ଅନେକଗୁଡ଼ିଏ ଆଇନ କାନୁନ୍ ମାଧ୍ୟମରେ । ଦେଶଦ୍ରୋହ ଆଇନ ସେଥି ମଧ୍ୟରୁ ଅନ୍ୟତମ, ଯାହା ଦେଶ ସ୍ୱାଧୀନ ହେବାର ସାଢ଼େ ସାତ ଦଶନ୍ଧି ପରେ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ କେବଳ ବଜାୟ ରହିନାହିଁ; ଏହାର ଉପଯୋଗ ମଧ୍ୟ କରାଯାଉଛି । ଏହାର ଉଚ୍ଛେଦକୁ ନେଇ ବେଶ୍ କିଛି ବର୍ଷ ହେବ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ମଧ୍ୟ ଚାଲି ଆସୁଛି । ତେବେ ଭାରତୀୟ ପିଙ୍ଗଲ କୋଡ୍ (ଆଇପିସି)ର ଧାରା ୧୨୪କ, ଯାହା ଦେଶଦ୍ରୋହ ଆଇନକୁ ପରିସରଭୁକ୍ତ କରିଥାଏ, ତାକୁ କେବଳ ପ୍ରଚଳିତ ରଖାଯିବା ପାଇଁ ନୁହେଁ, ବରଂ ଏହି ଅଭିଯୋଗରେ ଅଭିଯୁକ୍ତ ବ୍ୟକ୍ତିଙ୍କ ପ୍ରତି କଠୋର ଦଣ୍ଡ ବିଧାନ କରାଯିବାକୁ ଆଇନ କମିଶନ ସୁପାରିସ କରିଛନ୍ତି । କହିବା ବାହୁଲ୍ୟ, ଏହା ଦେଶର ମୌଳିକ ନୀତି ବିରୋଧରେ ଯିବା ସଙ୍ଗେ ସଙ୍ଗେ ଆମ ସମାଜର ଏକ ଗୋଷ୍ଠୀଙ୍କ ଚିନ୍ତାଧାରାର ପ୍ରତିଫଳନ ଘଟାଇ ଥାଏ, ଯେଉଁମାନେ ଆଜି ସୁଦ୍ଧା ନିଜର ଏକ ସମ୍ବିଧାନ ଥିବା ଭାରତୀୟ ଗଣତାନ୍ତ୍ରିକ ସାଧାରଣତନ୍ତ୍ରକୁ ସ୍ୱୀକାର କରିବାକୁ କୁଣ୍ଠିତ । ବ୍ରିଟିଶ ରାଜୁତି ସମୟର ଏହି ଆଇନ ଯାହା ସେହିମାନଙ୍କୁ ଦଣ୍ଡିତ କରିବାକୁ ଉଦ୍ଦିଷ୍ଟ ଥିଲା 'ଯେଉଁମାନେ ଆଇନାନୁସାରେ ପ୍ରତିଷ୍ଠିତ ସରକାର ବିରୁଦ୍ଧରେ ଘୃଣା ବା ଅସନ୍ତୋଷ ଭାବ ପୋଷଣ କରୁଥିଲେ ବା ଏହାକୁ ଉସୁକାଉଥିଲେ କି ଉସୁକାଇବାର ଉଦ୍ୟମ କରୁଥିଲେ', ତାହା ସେହି ଲୋକମାନଙ୍କ ଦ୍ୱାରା, ଯେଉଁମାନେ ଗଣତାନ୍ତ୍ରିକ ଧାରଣାରେ ଦୃଢ଼ ବିଶ୍ୱାସ ରଖୁଥିଲେ ଏବଂ ଏକ ଗଣତାନ୍ତ୍ରିକ ଶାସନର ଚିନ୍ତାଧାରାକୁ ପୋଷଣ କରି ଗଣତନ୍ତ୍ର ପ୍ରତିଷ୍ଠା କରିଥିଲେ, ସେମାନଙ୍କ ଦ୍ୱାରା ଏକ ସାଧାରଣତନ୍ତ୍ର ପ୍ରତିଷ୍ଠା କରାଯିବାର ଏକ ଦଶନ୍ଧି ପରେ ପୁଣିଥରେ ଉପଯୋଗ କରାଯିବାକୁ ପଦକ୍ଷେପ ନିଆଯାଇଥିଲା । ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ତାଙ୍କର ୧୯୬୨ର ଏକ ରାୟରେ ଏହି ଆଇନର ସାମ୍ବିଧାନିକତାକୁ ବଜାୟ ରଖିଥିବା ବେଳେ ଏହାର ଅପବ୍ୟବହାର କରାଯିବା ସମ୍ପର୍କରେ ସାବଧାନ କରାଇ ଦେଇଥିଲେ । କଠୋର ବାସ୍ତବତାକୁ ପାଟିର କଥା ଦ୍ୱାରା ଧୋଇ ଦିଆଯାଇ ପାରି ନଥାଏ । ଯେଉଁମାନେ ୧୮୬୦ରେ ଏହି ଆଇନ ପ୍ରଣୟନ କରିଥିଲେ ସେମାନଙ୍କୁ ଏବଂ ଏହାର ୧୬୩ ବର୍ଷ ପରେ ଏହାର ଅଦୃଶ୍ୟତା ପଛରେ ରହିଥିବା ତର୍କଟିକୁ ଆଇନ କମିଶନ କ୍ୱଚିତ୍ ବୁଝି ପାରିଛନ୍ତି । ତତ୍କାଳୀନ ସରକାର ବ୍ରିଟିଶ ସମ୍ରାଟ/ ସାମ୍ରାଜ୍ଞୀଙ୍କର ଏକ ସାଧନ ଥିଲେ ଏବଂ ସରକାର ଉପରେ ଅସନ୍ତୋଷ ପ୍ରକାରାନ୍ତରେ ସମ୍ରାଟ/ ସାମ୍ରାଜ୍ଞୀଙ୍କ ଉପରେ ଅସନ୍ତୋଷକୁ ବୁଝାଉ ଥିଲା; ତେଣୁ ତାହା କରାଇ ନଦେବା ପାଇଁ ଏହି ଆଇନ ପ୍ରଣୟନ କରାଯାଇଥିଲା । କିନ୍ତୁ ଏକ ଗଣତନ୍ତ୍ରରେ ରାଷ୍ଟ୍ରକୁ ସରକାରଙ୍କ ସହିତ ସମାନ କରାଇବାର ଉଦ୍ୟମ ଏକ ଅଗ୍ରହଣୀୟ ପ୍ରସ୍ତାବ । ଏକ ଗଣତନ୍ତ୍ରରେ ଲୋକମାନେ ଯେତେବେଳେ ସରକାରଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ କରନ୍ତି, ସେତେବେଳେ ସରକାର ବୃଦ୍ଧିଲାଭ କରିଥାନ୍ତି ; ରାଷ୍ଟ୍ର ବିରୁଦ୍ଧରେ ହିଂସା ସହିତ ଅନ୍ୟାନ୍ୟ ଆଇନ ବଳରେ କାରବାର କରାଯାଇ ପାରିବ । ଗଣତନ୍ତ୍ରରେ ଆଇନଗୁଡ଼ିକ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଣୟନ ହେବା ଉଚିତ; ସରକାରଙ୍କୁ ନୁହେଁ । ସରକାରଙ୍କୁ ସୁରକ୍ଷା ଦେବା ଯଦି ଆଇନର କାର୍ଯ୍ୟ ହୁଏ, ତା'ହେଲେ ସରକାରଙ୍କୁ ସମାଲୋଚନାକୁ ସହଜରେ ସରକାର-ବିରୋଧୀ ବୋଲି ଧରି ନିଆଯାଇ ପାରିବ, ଆଉ ସମାଲୋଚକଙ୍କୁ ନିରବ କରାଇବା ସମ୍ପୂର୍ଣ୍ଣ ଭାବରେ ଆଇନଗତ ହୋଇଯିବ । ଏହା ଅଗ୍ରହଣୀୟ । କମିଶନଙ୍କ କହିବା କଥା ଯେ ଦେଶଦ୍ରୋହ ଆଇନର ଅନୁପସ୍ଥିତି ବେଆଇନ କାର୍ଯ୍ୟକଳାପ (ପ୍ରତିରୋଧ) ଆଇନ, ୧୯୬୭ ଭଳି ଅଧିକ କଠୋର ଆଇନଗୁଡ଼ିକର ଉପଯୋଗକୁ ଖୋରାକ ଯୋଗାଇବ । କହିବା ବାହୁଲ୍ୟ, ପ୍ରତ୍ୟେକ ଆଇନ ତା'ର ଉପଯୋଗ ପଛରେ ନିଜସ୍ୱ କାରଣଟିଏକୁ ବହନ କରିଥାଏ, କୌଣସି ଆଇନ ତିଷ୍ଠି ରହିବା ପାଇଁ ଅନ୍ୟ ଆଇନ ଉପରେ ନିର୍ଭର କରି ନଥାଏ । ସୁଖର କଥା ଯେ କେନ୍ଦ୍ର ସରକାର କମିଶନଙ୍କ ସୁପାରିସ ପ୍ରତି ସାବଧାନତାର ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି । ଆଇନ ମନ୍ତ୍ରୀ ଏହାକୁ ଏକ ବିନିବେଶ ଏବଂ ଏହା ପରାମର୍ଶର ବ୍ୟାପକ ପ୍ରକ୍ରିୟାରେ ରହିଛି ବୋଲି କହିଛନ୍ତି । ଆଶା କରାଯାଏ, ଲୋକମାନେ ଯେଉଁ ସରକାରଙ୍କୁ ବାଛୁଛନ୍ତି, ସେହି ଲୋକମାନଙ୍କ ଅଧିକାରକୁ ମନରେ ରଖି ପ୍ରଗତିଶୀଳ ଆଇନ ପ୍ରଣୟନ କରିବା ଦିଗରେ ବାସ୍ତବରେ ବିସ୍ତୃତ ପରାମର୍ଶ କରି ଏଭଳି ଏକ ସିଦ୍ଧାନ୍ତରେ ଉପନୀତ ହେବେ ଯାହା ଦେଶର ଗଣତାନ୍ତ୍ରିକ ଭାବଧାରା ସହିତ ସମତାଳୀୟ ହୋଇଥିବ ।

ଶିକ୍ଷା, ଆମର ନିରନ୍ତର ଅଧିକାର

ଶିବ ପ୍ରସାଦ ବାହିନୀପତି

ଶିକ୍ଷା ହିଁ ସଭ୍ୟତାର ପ୍ରଥମ ସକାଳ । ସେଥିପାଇଁ କୁହାଯାଇଛି, 'ସା ବିଦ୍ୟା ଯା ବିମୁକ୍ତୟେ' । ଅଜ୍ଞାନତାର ଅନ୍ଧକାରରୁ ମୁକ୍ତି ପାଇଁ ଶିକ୍ଷା ମଣିଷ ଜୀବନର ଏକାନ୍ତ ଅପରିହାର୍ଯ୍ୟ ଅଙ୍ଗ । ଶିକ୍ଷା ମଣିଷକୁ କ୍ୱେଳ ଜ୍ଞାନ ପ୍ରଦାନ କରେ ନାହିଁ, ଏହା ପ୍ରତ୍ୟେକ ମଣିଷର ଚେତନା ଓ ଚରିତ୍ରର ବିକାଶ ଘଟାଇବା ସହ ମଣିଷକୁ ବିବେକ, ବିଚାର, ନୀତି ବିଧି, ଶୃଙ୍ଖଳା ଓ ଅନୁଶାସନ ସହ ଅଭ୍ୟସ୍ତ କରାଇଥାଏ । ସେଥିପାଇଁ ଆମ ଦେଶର ସଂବିଧାନରେ ଶିକ୍ଷାକୁ ମୌଳିକ ଅଧିକାରଭୁକ୍ତ କରାଯାଇଛି ।

ସମଗ୍ର ଶିକ୍ଷା- ବିସ୍ତାରିତ ପ୍ରାକ୍ ବିଦ୍ୟାଳୟରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଶିକ୍ଷା କ୍ଷେତ୍ର ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ । ତେଣୁ ବିଦ୍ୟାଳୟ ପାଇଁ ସମାନ ସୁଯୋଗ ଏବଂ ସମାନ ଶିକ୍ଷଣ ଫଳାଫଳ ପାଇଁ ମପା ଯାଇଥିବା ବିଦ୍ୟାଳୟର କାର୍ଯ୍ୟକାରିତାକୁ ସୁଦୃଢ କରିବାର ବୃହତ ଲକ୍ଷ୍ୟ ସହିତ ପ୍ରସ୍ତୁତ କରାଯାଇଛି । ଏଥିରେ ୩ଟି ଯୋଜନା ସର୍ବ ଶିକ୍ଷା ଅଭିଯାନ (ଏସ୍.ଏସ୍.ଏ.), ରାଷ୍ଟ୍ରୀୟ ମାଧ୍ୟମିକ୍ ଶିକ୍ଷା ଅଭିଯାନ (ଆର.ଏମ୍.ଏସ୍.ଏ.) ଏବଂ ଶିକ୍ଷକ ଶିକ୍ଷା (ଟି.ଇ.) ଅନ୍ତଭୁକ୍ତ କରାଯାଇଛି । ଏହି ଯୋଜନାରେ ପ୍ରାକ୍ ବିଦ୍ୟାଳୟ, ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଠାରୁ ବରିଷ୍ଠ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଏକ ନିରନ୍ତର ଭାବରେ 'ବିଦ୍ୟାଳୟ' ଧାର୍ଯ୍ୟ କରାଯାଇଛି । ଏହି ଯୋଜନାର ଦୃଷ୍ଟିକୋଣ ହେଉଛି ପ୍ରାକ୍ ବିଦ୍ୟାଳୟରୁ ବରିଷ୍ଠ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟାୟ ପର୍ଯ୍ୟନ୍ତ ଅନ୍ତର୍ଭୂକ୍ତ କରିବା ଏବଂ ସମାନ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା ସହିତ ସମରୁପତା ଭାବେ ଶିକ୍ଷା ପାଇଁ ସ୍ଥାୟୀତ୍ୱ ବିକାଶର ଲକ୍ଷ ରଖିବା (ଏସ.ଡ଼ି.ଜି.) । ଏହି ଯୋଜନା ରାଜ୍ୟ ସ୍ତରରେ ଏକକ ରାଜ୍ୟ କାର୍ଯ୍ୟନ୍ୱୟନ ସମିତି (ଏସ.ଆଇ.ଏସ.) ମାଧ୍ୟମରେ ବିଭାଗ ଦ୍ୱାରା କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବରେ କାର୍ଯ୍ୟକାରୀ ହେବ ।

ଆସନ୍ତୁ ଆଦ୍ୟେ ଆଲୋଚନା ପରିସରଭୁକ୍ତ କରିବା ଶିକ୍ଷାର ମୌଳିକଧିକାର ତଥା ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାଧିକାର ଅଧିନିୟମ ୨୦୦୯, ୮୬ତମ ସମ୍ବିଧାନ ସଶୋଧନ, ଅଧିନିୟମ ୨୦୦୨ରେ ସ୍ଥାନିତ ଅନୁଚ୍ଛେଦ ୨୧-କ, ଭାରତୀୟ ସମ୍ବିଧାନ ବ୍ୟବସ୍ଥା ବାବଦରେ । ଏହି ବ୍ୟବସ୍ଥା ଅନୁଯାୟୀ ୬ରୁ ୧୪ ବର୍ଷର ବୟସର ପ୍ରତ୍ୟେକ ଶିଶୁର ପ୍ରାଥମିକ ଶିକ୍ଷା ଶେଷ ପର୍ଯ୍ୟନ୍ତ ନିକଟବର୍ତ୍ତୀ ବିଦ୍ୟାଳୟରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇବା ଅଧିକାର ରହିଛି । ଯେଉଁଠାରେ ଜଣେ ଛଅ ବର୍ଷରୁ ଊର୍ଦ୍ଧ୍ୱ ବୟସର ଶିଶୁ କୌଣସି ବିଦ୍ୟାଳୟରେ ନାମ ଲେଖାଇନାହିଁ କିମ୍ବା ଯଦି ବିଦ୍ୟାଳୟକୁ ଯାଇ ପ୍ରାଥମିକ ଶିକ୍ଷା ସମାପ୍ତ କରିପାରିଲା ନାହିଁ ତାହା ହେଲା ସେ ତାହାର ବୟସ ଉପଯୋଗୀ ଗୋଟିଏ ଶ୍ରେଣୀରେ ନାମ ଲେଖାଇପାରିବ ।

ଯେଉଁଠାରେ ଗୋଟିଏ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ସମାପ୍ତ କରିବାର ବ୍ୟବସ୍ଥା ନାହିଁ ସେଠାରେ ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପାଇଁ ଧାରା୨ର ଖଣ୍ଡ (n)ର ଉପଖଣ୍ଡ(iii) ଏବଂ (iv)ରେ ସ୍ୱତନ୍ତ୍ର ଭାବେ କୁହାଯାଇଥିବା ବିଦ୍ୟାଳୟକୁ ଛାଡି ଅନ୍ୟ ଯେ କୌଣସି ବିଦ୍ୟାଳୟକୁ ଯିବାର ଅଧିକାର ରହିବ । କୌଣସି ବିଦ୍ୟାଳୟ କିମ୍ବା ବ୍ୟକ୍ତି ଶିଶୁର ନାମଲେଖା ସମୟରେ କୌଣସି ମୁଣ୍ଡପିଛା ଚାନ୍ଦା ସଂଗ୍ରହ କରିପାରିବେ ନାହିଁ ଏବଂ ଶିଶୁ କିମ୍ବା ତା'ର ପିତାମାତା ବା ଅଭିଭାବକଙ୍କୁ କୌଣସି ଚୟନ ପ୍ରକ୍ରିୟା ଦେଇ ଯିବାକୁ ହେବ ନାହିଁ । ବୟସ ପ୍ରମାଣପତ୍ର ଅଭାବରୁ କୌଣସି ଶିଶୁକୁ ବିଦ୍ୟାଳୟରେ ନାମଲେଖା ନିମନ୍ତେ ମନା କରାଯିବ ନାହିଁ । ପ୍ରାଥମିକ ଶିକ୍ଷା ଶେଷ ହେବା ପର୍ଯ୍ୟନ୍ତ ନାମ ଲେଖାଇଥିବା କୌଣସି ଶିଶୁ କୌଣସି ଶ୍ରେଣୀରେ ଅଟକି ଯିବ ନାହିଁ । କୌଣସି ଶିଶୁକୁ ଶାରୀରିକ ଦଣ୍ଡ ବା ମାନସିକ ନିର୍ଯ୍ୟାତନା ଦିଆଯିବ ନାହିଁ । ଧାରା ୨ ଖଣ୍ଡ (n) ଅନ୍ତର୍ଗତ ଉପଖଣ୍ଡ (iv)ରେ ନିର୍ଦ୍ଧାରିତ ହୋଇଥିବା ବିଦ୍ୟାଳୟଗୁଡ଼ିକ ବ୍ୟତୀତ ଅନ୍ୟ ପ୍ରତ୍ୟେକ ବିଦ୍ୟାଳୟରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କର ନିର୍ବାଚିତ ପ୍ରତିନିଧି, ଉକ୍ତ ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କର ପିତାମାତା, ଅଭିଭାବକ ଓ ଶିକ୍ଷକ ମାନଙ୍କୁ ନେଇ ଗୋଟିଏ ପରିଚାଳନା କମିଟି ଗଠିତ ହେବ ।

ଆମ ଦେଶ ସର୍ବଦା ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱତାକୁ ସମ୍ମାନ ଦେଇ ଆସିଛି । ପ୍ରାଚୀନ ଭାରତରେ ସର୍ବପ୍ରଥମେ ଆରମ୍ଭ ହୋଇଥିବା ଶିକ୍ଷା ବ୍ୟବସ୍ଥା ହେଉଛି ବୈଦିକ ଶିକ୍ଷା ବ୍ୟବସ୍ଥା । ଏହି ଶିକ୍ଷାର ମୂଳ ଲକ୍ଷ୍ୟ ଏ ସଂସାରେ ବା ଏହା ପରେ ଜୀବନ ଧାରଣର ଜ୍ଞାନ ନଥିଲା, ଥିଲା ଆତ୍ମାର ସମ୍ପୂର୍ଣ୍ଣ ଅନୁଭୂତି । ଗୁରୁକୁଳ ବ୍ୟବସ୍ଥା ଗୁରୁ ଓ ଶିଷ୍ୟ ମଧ୍ୟରେ ଏକ ବନ୍ଧନ ସୃଷ୍ଟି କରୁଥିଲା ଏବଂ ଶିକ୍ଷକ କୈନ୍ଦ୍ରିକ ବ୍ୟବସ୍ଥାକୁ ପ୍ରତିଷ୍ଠିତ କରିଥିଲା ଯେଉଁଠି ଶିଷ୍ୟକୁ କଠୋର ଅନୁଶାସନ ପାଳନ କରିବାକୁ ପଡୁଥିଲା ଏବଂ ଗୁରୁଙ୍କ ଦାୟିତ୍ୱ ନିର୍ବାହ କରିବା ପାଇଁ କେତେକ କ୍ଷେତ୍ରରେ ଶିଷ୍ୟ ବାଧ୍ୟ ହେଉଥିଲା । ଭାରତୀୟ ବିଦ୍ୱାନ ଚରକ, ସୁଶ୍ରୁତ ଆର୍ଯ୍ୟଭଟ୍ଟ, ଭାସ୍କରାଚାର୍ଯ୍ୟ, ଚାଣକ୍ୟ, ପତଞ୍ଜଳି, ବାସାୟାନ ଓ କେତେକ ବିଦ୍ୱାନଗଣ ଗଣିତଶାସ୍ତ୍ର, ଜ୍ୟୋତିଷଶାସ୍ତ୍ର, ପଦାର୍ଥବିଜ୍ଞାନ, ରାସାୟନିକବିଜ୍ଞାନ, ଭେଷଜ ବିଜ୍ଞାନ, ଶଲ୍ୟବିଜ୍ଞାନ, ଲଳିତକଳା, ଯାନ୍ତ୍ରିକ ଓ ଉତ୍ପାଦନ , ପ୍ରଯୁକ୍ତି ବିଜ୍ଞାନ, ସିଭିଲ ଇଂଜିନିଅରିଙ୍ଗ, ବାସ୍ତୁକଳା, ଜାହାଜନିର୍ମାଣ, ନୌପରିବହନ, କ୍ରୀଡ଼ା କ୍ଷେତ୍ରରେ ପୃଥିବୀର ଜ୍ଞାନ ବ୍ୟବସ୍ଥାକୁ ବହୁମୂଲ୍ୟ ଅବଦାନ ଦେଇଛନ୍ତି । ସ୍ୱାଧୀନତା ସଂଗ୍ରାମ ସମୟରେ ଅନେକ ନେତା ଗୋଖଲେ, ରାମମୋହନ ରାୟ, ପଣ୍ଡିତ ମଦନ ମୋହନ ମାଲବ୍ୟ ଏବଂ ମହାତ୍ମା ଗାନ୍ଧୀ ଭାରତୀୟଙ୍କ ଉତ୍ତମ ଶିକ୍ଷା ପାଇଁ କାର୍ଯ୍ୟ କରିଥିଲେ । ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି । ଶୈକ୍ଷିକ କାର୍ଯ୍ୟକଳାପ ଏବଂ ଶିକ୍ଷଣ ପ୍ରକ୍ରିୟା ଏବେ ଆଉ ଶ୍ରେଣୀ କୋଠରୀ ଭିତରେ ଆବଦ୍ଧ ନୁହେଁ ଏବଂ ଶିକ୍ଷାର ପରିସର ଆଉ ଆନୁଷ୍ଠାନିକ ଭାବେ ପାଠ ପଢ଼ିବା ବା ଉଚ୍ଚଶିକ୍ଷାରେ ସୀମିତ ନୁହେଁ । ଶୈକ୍ଷିକ ପ୍ରକ୍ରିୟା କେବଳ ଶ୍ରେଣୀ ଆଧାରିତ ପାଠ୍ୟକ୍ରମ ମାଧ୍ୟମରେ ଘଟୁନାହିଁ; ଇଲେକଟ୍ରୋନିକ ଓ ପ୍ରିଣ୍ଟ ଗଣମାଧ୍ୟମ, ସୂଚନା ଓ ସଂଚାର ଟେକନୋଲୋଜି, ପୁସ୍ତକ ଏବଂ ପତ୍ରପତ୍ରିକା ଇତ୍ୟାଦି ଦ୍ୱାରା ମଧ୍ୟ ହେଉଅଛି । ଆଜିର ଶିକ୍ଷାର୍ଥୀ ଅଣଆନୁଷ୍ଠାନିକ ମାଧ୍ୟମ ଦ୍ୱାରା ସାମ୍ପ୍ରତିକ ଜ୍ଞାନ ଲାଭ କରିପାରୁଛି । ଶିକ୍ଷାର ପରିବର୍ତ୍ତନ ସାମାଜିକ ପ୍ରସଙ୍ଗ ଏବଂ ସମାନତା ଆଉ ସମ୍ମିଳନ ହାସଲ କରିବାକୁ ରାଷ୍ଟ୍ରୀୟ ଅନୁଚିନ୍ତା ଶିକ୍ଷାର ଏକ ପରିବର୍ତ୍ତନ ଦୃଷ୍ଟିକୋଣ ଆବଶ୍ୟକ କରେ ଓ ଏହା ସମସ୍ତ ଶିକ୍ଷାର୍ଥୀ ପାଇଁ ସୁଯୋଗ ସୃଷ୍ଟି କରେ । ଯାହା ଫଳରେ ସେମାନେ ଶିକ୍ଷଣ ଅନୁଭୂତିରେ ସଫଳ ହେବେ ଏବଂ ସମସ୍ତ ଶିକ୍ଷା ଅନୁଷ୍ଠାନକୁ ବିବିଧ ଛାତ୍ର ଗୋଷ୍ଠୀର ସମାନ ଶୈକ୍ଷିକ ଲାଭ ପାଇଁ ଉତ୍ତରଦାୟୀ ହେବେ ।

ବିଦ୍ୟାଳୟରେ ପ୍ରବେଶ ପୂର୍ବରୁ ଯଥେଷ୍ଟ ସଂଖ୍ୟକ ଶିଶୁଙ୍କ ନାମ ଲେଖାଇବା ପ୍ରକ୍ରିୟାରେ ଯଦିଓ ପ୍ରଗତି ହୋଇଛି, ତଥାପି ସମାଜର ଏପରି ଅସମର୍ଥ ଜନଗୋଷ୍ଠୀ ଅଛନ୍ତି ଯେଉଁମାନଙ୍କ ସନ୍ତାନମାନେ ଏ ସୁଯୋଗରୁ ବଂଚିତ ହେଉଛନ୍ତି । ବିଶେଷତଃ ଅର୍ଥନୈତିକ ଦୃଷ୍ଟିକୋଣରୁ ସେମାନେ ସମର୍ଥ ନୁହଁନ୍ତି ଓ ସେମାନଙ୍କ ସନ୍ତାନମାନେ ପ୍ରାକ୍-ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମରେ ଭାଗ ନେଇ ପାରୁନାହାଁନ୍ତି । କିଛି ମାତ୍ରାରେ ପ୍ରଗତି ହେବା ସତ୍ତ୍ୱେ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ କେତକ ରାଜ୍ୟ ଜାତୀୟ ହାର ତୁଳନାରେ ବହୁ ନିମ୍ନ ସ୍ତରରେ ଅଛି । ପ୍ରାଥମିକ ଶିକ୍ଷା ପାଇଁ ଆଗ୍ରହ ବଢୁଥିଲା ବେଳେ ଓ ମାଧ୍ୟମିକ ବିଦ୍ୟାଳୟର ସଂଖ୍ୟା ବଢୁଥିଲା ବେଳେ ମାଧ୍ୟମିକ ଶିକ୍ଷାର ପ୍ରସାର କ୍ଷେତ୍ରରେ ସମଗ୍ର ଦେଶରେ ବୈଷମ୍ୟ ପରିଲକ୍ଷିତ ହୁଏ, ଛାତ୍ରମାନଙ୍କ ସାମାଜିକ, ଅର୍ଥନୈତିକ ସ୍ଥିତି ଦୃଷ୍ଟିରୁ ଆଞ୍ଚଳିକ ବୈଷମ୍ୟ ମଧ୍ୟ ଦୃଷ୍ଟିଗୋଚର ହୁଏ ।

ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସୁବିଧାରୁ ବଞ୍ଚିତ ଶିକ୍ଷାର୍ଥୀ ଗୋଷ୍ଠୀଙ୍କର ନାମ ଲେଖାଇବା ଓ ଶ୍ରେଣୀରେ ଅଟକ ରଖିବା ପାଇଁ ଅଧିକାଂଶ ରାଜ୍ୟ ସମ୍ମିଳିତ କୌଶଳ ସଫଳ ଭାବରେ ପାଳନ କରୁଛନ୍ତି । ଏହିସବୁ ଉଦ୍ୟମ ସତ୍ତ୍ୱେ କେତେକ ଭିନ୍ନକ୍ଷମ ଶିଶୁ, ଅପହଞ୍ଚ ଅଞ୍ଚଳରେ ବାସ କରୁଥିବା ଶିଶୁ, ଯାଯାବର ପରିବାରର ଶିଶୁ ଏବଂ କ୍ଷତିଗ୍ରସ୍ତ ବଞ୍ଚିତ ପରିବାରର ପିଲାମାନେ ସମ୍ପୂର୍ଣ୍ଣ ଭାବରେ ଶିକ୍ଷା ଗ୍ରହଣ କରିବାର ସୁବିଧା ଲାଭ କରିପାରୁନାହାନ୍ତି । (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

ଫକୀରମୋହନଙ୍କ 'ଚମ୍ପା' ; ଏକ ବିହଙ୍ଗାବଲୋକନ

ଡକ୍ଟର ଶ୍ରୀହରି ପଣ୍ଡା

(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

ଫଳସ୍ୱରୂପ ପାଠକ, ଉପନ୍ୟାସ ପଠନ ସମୟରେ ସାଧୁ ଚରିତ୍ର ପ୍ରତି ଯେତିକି ଆକୃଷ୍ଟ ହୋଇ ସହାନୁଭୂତିସମ୍ପନ୍ନ ଭାବ ପ୍ରକାଶ କରେ ସେହିପରି ଅସାଧୁ ଚରିତ୍ରର ନୀତିହୀନତା ପ୍ରତି ଘୃଣା ଓ ଅସହିଷ୍ଣୁ ଦୃଷ୍ଟିଭଙ୍ଗୀ ନେଇ ବିଚାର କଜରେ । ପାଠକ ହୃଦୟରେ ଅନୁରୂପ ବିରୋଧଭାବ କେବଳ ଫକୀର ମୋହନ ହିଁ ସୃଷ୍ଟି କରିବାରେ ସମର୍ଥ । 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସର ଚରିତ୍ରଗୁଡିକ ଅସ୍ୱାଭାବିକ ନୁହଁନ୍ତି ବରଂ ସ୍ୱାଭାବିକ ଓ ବାସ୍ତବଧର୍ମୀ । ଚରିତ୍ରଗୁଡିକ ଦୈବୀ ଅଭିଶପ୍ତ ବା ଅଦୃଷ୍ଟଶକ୍ତି ନିୟନ୍ତ୍ରିତ ନ ହୋଇ କର୍ମଫଳ ଭୋଗୀ ହୋଇଛନ୍ତି ।କେହି ନିଜର ସରଳତାର ଦଣ୍ଡପାଇ ସର୍ବସ୍ୱାନ୍ତ ହୋଇଛି ତ କେହି ପରଧନ ଲୋଭର କୁପରିଣତି ଭୋଗ କରିଛି । ଭାତହାଣ୍ଡିରୁ ଗୋଟିଏ ଭାତରୁ ସମଗ୍ର ହାଣ୍ଡିର ଭାତ ସମ୍ପର୍କରେ ଜାଣିହେବା ପରି ଚରିତ୍ରର ମୁଖଶାଳା 'ଛ ମାଣ ଆଠଗୁଣ୍ଠ'ର ବିଭିନ୍ନ ଚରିତ୍ର ମଧ୍ୟରୁ ମୁଖ୍ୟ ଖଳନାୟିକା ଚମ୍ପା ସମ୍ପର୍କରେ ସାମାନ୍

ଶ୍ରାଦ୍ଧ ପରେ...

ବିଜୟଲକ୍ଷ୍ମୀ ପାଣିଗ୍ରାହି



ଦୁଇ ଦିନ ପରେ ସେ ଫେରୁଛି ଡାକ୍ତରଖାନାରୁ। ସେ ଦିନ କ'ଣ ହୋଇଥିଲା କ'ଣ ନାଇଁ ଏଇ କେତେ ଘଣ୍ଟା ହେଲା ମନେ ପକାଇ ଘାଣ୍ଟି ହେଉଛି। ତାକୁ କହିବାକୁ ପାଖରେ କେହି ନାହିଁ। ମୋବାଇଲର ବ୍ଲର ହୋଇଥିବା ଫଟୋ ପରି ଫିକା ଫିକା ଘଟଣା। ନର୍ସକୁ ପଚାରିବାରୁ ସେ କହିଲେ, 'ତୁମେ ଏବେ ବିଶ୍ରାମ ନିଅ। ସେ ସବୁ ପଛକଥା ଜାଣି ଆଉ କ'ଣ କରିବ। ବରଂ ବର୍ତ୍ତମାନ ଉପରେ ଧ୍ୟାନ ଦିଅ'। ଲେନ୍ଦୁ ଆଖିର ଦୃଶ୍ୟପରି ଝାପସା ଝାପସା ଦିଶୁଛି ସେଦିନର ଦୃଶ୍ୟପଟ...।

ସକାଳୁ ସକାଳୁ ଗାଧୋଇ ପାଧୋଇ ଠାକୁରଙ୍କୁ ହାତଯୋଡି ପ୍ରଣାମ ଜଣାଇଲା ଆଜି ଦିନଟି କେମିତି ଭଲରେ କଟିଯାଉ। ନୂଆ କଲେଜରେ ସାଙ୍ଗସାଥୀ ସମସ୍ତେ ଖୁବ ହଡ଼ବଡ଼ଉଛନ୍ତି । ବଡ ଭାଇ ଭଉଣୀମାନେ ଭାରି ଚାଲାକ ଏବଂ ଅତ୍ୟାଧୁନିକ। କ'ଣ ଟିକେ ହୋଇଗଲେ ଇଂରାଜୀ ହିନ୍ଦୀରେ ମୁଷଳ ଧାରାରେ ବର୍ଷୁଛନ୍ତି। କଲେଜରେ ଚାଲିଛି ରାଗିଙ୍ଗ। ବଡ ଭଉଣୀମାନେ ଭାଇମାନଙ୍କଠାରୁ ବଳି ଯାଉଛନ୍ତି। କି ଉଦଣ୍ଡି ଗୁଡାକରେ ବାପା ! ଭଲ ହୋଇଛି କଲେଜରେ ୟୁନିଫର୍ମ ରହିଛି। ନଚେତ ଏମାନେ କଣ ପିନ୍ଧୁଥାନ୍ତେ... କିପରି ପିନ୍ଧୁଥାନ୍ତେ ଭାବିଲା ବେଳକୁ ଏମାନଙ୍କ ଉପରେ ହିଁ ଦୟା ଆସୁଛି।' ହେ ଭଗବାନ ! ସେ ଯାହା ହେଉ ପଛେ ସବୁଦିନ ପରି ଆଜି ବି ବଞ୍ଚେଇ ଦିଅ ସେ କଞ୍ଚା ଡାହାଣୀ ମାନଙ୍କଠାରୁ। କି ଅବାନ୍ତର ପ୍ରଶ୍ନ ତାଙ୍କର ! ଉତ୍ତର ପାଇଁ ମୁଣ୍ଡ ଖଟେଇଲା ବେଳକୁ ପନିସମେଣ୍ଟ ଆରମ୍ଭ ହୋଇସାରିଥିବ। ଦିନସାରା କାହାର ଭ୍ୟାନିଟ ବ୍ୟାଗ ଧରି ଯିବାକୁ ହେବ, ନାହିଁତ... କାହା ପାଇଁ ନୋଟ ଉତ୍ତୁରେଇବାକୁ ପଡିବ।

କାଲି ତ ଅଙ୍ଗକେ ବଂଚିଗଲା। ଦିଦି ଜଣଙ୍କର ଆଖି ତା' ଉପରେ ପଡୁ ପଡୁ ସେ ତାଙ୍କୁ ଏକ ବାହାନା କରି ଖସିଗଲା। ତା'ର ମୁହଁ ବୋଧହୁଏ ବଉଳା ଗାଈର ମୁହଁ ପରି, ସେଥିପାଇଁ ସେ ତାକୁ ଛାଡିଦେଲେ। ହେଲେ ତା'ର ସ୍ୱଭାବ ସେପରି ଏକଦମ ନୁହେଁ ତେଣୁ ପଛ ପାଖ ଗେଟ ଦେଇ ଖସି ଆସିଥିଲା ଚୁପଚାପ। ଏବେ ସେ ଦିଦିର ଆଖିଠାରୁ ବଞ୍ଚି ରହିବାକୁ ପଡିବ। ହଁ... ଏତେ ପିଲାଙ୍କ ଭିତରେ ତାକୁ ଚିହ୍ନି ପାରିବେ ନାହିଁ ଯେ... ତଥାପି ଭାରି ଡର। ସୁନ୍ଦର ହେୟାର ଷ୍ଟାଇଲ ପାଇଁ ସେ ଏବେ ସାରା କଲେଜରେ ଚର୍ଚ୍ଚିତ। ସବୁ ତା'ର ଚୁଟିକୁ ଦେଖୁଥିବେ। କିଏ କହିବ ତା' ଚୁଟିରେ କାହାର ନଜର କେତେବେଳେ ଲାଗି ନ ଯିବ? ଚୁଟି ବୋଲେ ତା'ର ପ୍ରାଣପ୍ରିୟ। ସେ ଖୁବ ଯତ୍ନନିଏ ସେସବୁଙ୍କର ପ୍ରିୟ ମଣିଷ ପରି। ସେଥିପାଇଁ କେତେ କ'ଣ ନ କରେ। ଜଡ଼ିବୁଟି ଠାରୁ ଆରମ୍ଭ କରି ଅତ୍ୟାଧୁନିକ ଉପଚାର ପର୍ଯ୍ୟନ୍ତ ସବୁ ତାକୁ ଜଣା। ଚୁଟିକୁ ନେଇ ଆସୁଥିବା ସମସ୍ୟାର ସମାଧାନ କରି ସେ ଗୁରୁ ପାଲଟି ଯାଇଥିଲା ପୁରୁଣା କଲେଜରେ। ଚୁଟି ଉପଚାର ଉପରେ ସୁନ୍ଦର ପ୍ରବଚନ ମଧ ଦେଇପାରେ ବୋଲି ସେଠାରେ ତା'ର ଚୁଟିର ବହୁତ ଫ୍ୟାନ ଥିଲେ। କେତେ କ'ଣ ବାହାନା କରି ମାଆ ଓ ଉଷାଦିଦିଠାରୁ ଟଙ୍କା ଖସାଏ। ଘରୁ ଆଣି ଥିବା ସବୁ ଟଙ୍କା ଚୁଟି ପ୍ରେମରେ ସ୍ୱାହା କରେ। କେତେ ପିଲା ତା' ପଛରେ ନ ପଡିଛନ୍ତି ଏ ଚୁଟି ପାଇଁ... ?

ଯୁକ୍ତ ଦୁଇ ପାଶ କଲା ପରେ ଏ ବର୍ଷ ନୂଆ କଲେଜ। ନୂଆ ବଡ ଭାଇ ଓ ଭଉଣୀମାନଙ୍କ ରାଗିଙ୍ଗରୁ ଚୁଟିକୁ ବଞ୍ଚେଇ ରଖିବାକୁ ପ୍ରାର୍ଥନା କରିବା ସହ କଲେଜରେ ପହଞ୍ଚି ସେ ଦୀପାକୁ ଖୋଜିଲା। କାରଣ ସାଙ୍ଗବିକି କହୁଥିଲା ସେ ଦିଦିଙ୍କୁ ଦୀପା ଜାଣିଛି। ତା'ର ବଡଭଉଣୀ ଲାଗିବେ। ବଡ ଭଉଣୀ କଲେଜରେ ଅଛି ବୋଲି ସେ କାହାକୁ ଖାତିର କରେ ନାହିଁ ଆଉ ସେଥିପାଇଁ ବଡ ଭାଉ ତା'ର। ତାକୁ ସାହାଯ୍ୟ ମାଗିଲେ ସେ ଏବେ ବଡ଼ ଫୁଲେଇ ହେବ। ତେଣୁ ଦୀପାଠୁଁ ଖାଲି ବୁଝିବାକୁ ହେବ ଆଜି ତା' ଦିଦି ଆସିଛନ୍ତି କି ନାହିଁ। ବାସ ଏତିକି ଜାଣିଲେ ସେ ତା'ର ବ୍ୟବସ୍ଥା କରିନେବ। ସେଥିପାଇଁ ସାଂସ୍କୃତିକ ମଞ୍ଚ ଉପରେ ରହି ଠଉରେଇବାକୁ ଲାଗିଲା ଦୀପାର ଉପସ୍ଥିତି।

କିଟୁ ପଛ ପାଖରୁ ଆସି ଫୁସ ଫୁସ କରି କହିଲା, 'କଥା କ'ଣ କି ? ତୋତେ ଦୀପା ଖୋଜୁଥିଲା ? କଥାଟା କାନରେ ବାଜୁ ବାଜୁ ପାଦ ଦୁଇଟି ଅଟକି ଗଲା ଏକ ଶକ୍ତ ସର୍ଡନ ବ୍ରେକରେ। ତଣ୍ଟିରେ ବିରି ଚକୁଳି ଲାଖିଗଲେ ଆଖି ଯେମିତି ତରାଟି ହୋଇଯାଏ ଠିକ ସେମିତି ରଜନୀର ଆଖି ଦୁଇଟି ବାହାରି ଆସୁଛି ଆଗକୁ। କିଛି ସମୟପାଇଁ ଅଟକି ଯାଇଥିବା ସମସ୍ତ ପ୍ରଶ୍ୱାସ ଦୀର୍ଘଶ୍ୱାସ ହୋଇ ବାହାରିଗଲେ ଏକ ନିରବ ଆଉ ଲମ୍ବା ଯାତ୍ରାରେ। ଦାନ୍ତ ଦୁଇଧାଡିକୁ ଦବେଇ ପୁଳାଏ ପ୍ରଶ୍ୱାସ ସହ ଜବରଦସ୍ତ ଆଖି ପତାକୁ ଟାଣି ଆଣିଲା। କାଉ ଥଂଟ ଝାଡ଼ିଲା ପରି ମୁଣ୍ଡଟାକୁ ହଲେଇ ଦେଇ ଆଖି ଖୋଲିଲା ବେଳକୁ ସାମନାରେ ସେହି ଦିଦି ଉଭା। ପାଖରେ ଠିଆ ହୋଇଛି ଦୀପା। ଦିଦି କିଛି କହିବା ପୂର୍ବରୁ ପାଦ ତଳେ ପଡି ଭୁଲ ମାଗି ପାରିଥାନ୍ତା ସେ, ହେଲେ ପାଖରେ ଦୀପା ଥିବାରୁ ତାହା ବି ହୋଇ ପାରିଲା ନାହିଁ। ଦିଦି ଢ଼ିମା ଢ଼ିମା ଆଖି ଦେଖାଇ କହିଲା , 'କାଲି ତୁ ମୋତେ ଚକମା ମାରିଥିଲୁ ନା। ଆଜି ତୋ କଥା ବୁଝିନେବା। ବଡିଆ ହେୟାର ଷ୍ଟାଇଲ କରିଛୁ ତ...। ତୋ ପାଇଁ ଗୋଟେ ଭଲ ଟାସ୍କ ରହିଛି'।

ଟାସ୍କର ଭୟାବହତା ତା' ଆଖି ଆଗରେ ଖେଳିଗଲା। କିଛି ସମୟ ପାଇଁ ସେ ତାରେ ଜମିନ ପର ଫିଲ୍ମର ଇଶାନ ଅଗସ୍ତି ହୋଇଗଲା। ରଜନୀ ଆଖିରେ କରୁଣ ଚାହାଣି ଦେଖି ହସୁଥିଲା ଦୀପା।

ଅଦୂରରୁ କ୍ୟାମ୍ପସ ଭିତରକୁ ପଶି ଆସିଥିବା ଏକ ବୁଲା କୁକୁରକୁ ଘଉଡେଇ ଆଣୁଛି ଜଗୁଆଳି। ଜୋରରେ ଦୌଡ଼ି ଆସୁଥିବା କୁକୁରଟା କାଳେ ଦୀପାକୁ କାମୁଡି ଦେଇପାରେ ସେଥିପାଇଁ ତାକୁ ରକ୍ଷା କରିବାକୁ ସେ ଝପଟି ଗଲା ବେଳେ କେମିତି ପାଦଟି ଝୁଣ୍ଟି ହୋଇଗଲା କେଜାଣି ଖୁଣ୍ଟରେ ମୁଣ୍ଡଟା ଟଙ୍ଗ କରି ବାଜିଲାପରେ ଭାରସାମ୍ୟ ହରାଇ ସେ ଚାନ୍ଦିନୀରୁ ତଳକୁ ପଡିଲା ଏବଂ ତଳେ ଥିଲା ଏକ ପଥର ।

ଆଖି ଖୋଲି ଚାହିଁଲା ବେଳକୁ ଉପରେ ଡଅଁର ମାରୁଛି ପଙ୍ଖା। ସେଥିରେ ଘୁରୁଛନ୍ତି ଦୀପା ଆଉ ତା'ର ଦିଦି।

ବାସ... ଆଉ କିଛି ମନେ ନାହିଁ। ମୁଣ୍ଡଟା ପୁରା ବ୍ୟାଣ୍ଡେଜ ହୋଇଛି।

ହଷ୍ଟେଲରେ ପହଞ୍ଚି ବିଶ୍ରାମ ନେଲା।

ତିନି ଦିନ ପରେ ମୁଣ୍ଡରୁ ଖୋଲାଗଲା ବ୍ୟାଣ୍ଡେଜ। ପାଖରେ ଥିବା କିଟୁର ମୁହଁରେ ଏକ ଭିନ୍ନ ଭଙ୍ଗି। ନା ହସର ନା ଦୁଃଖର। ରଜନୀ ଭାବିଲା ସେ କାଳେ ସେଦିନ କଥା ମନେ ପକାଇ ଏମିତି ଏକ ଦ୍ୱନ୍ଦ୍ୱ ଭଙ୍ଗୀରେ ରହିଛି। ସେ କହିଲା, 'ବୁଝିଲୁ କିଟୁ ! ସେଦିନ ପଡ଼ିଗଲି ଭଲ ହେଲା। ମୁଣ୍ଡ ଫାଟିଲେ ଫାଟିଲା ସିନା ହେଲେ ରାଗିଙ୍ଗରୁ ତ ଅଙ୍ଗକେ ବଂଚିଗଲି। ସେ ଦିଦିର ମୋ ଚୁଟି ଉପରେ ହିଁ ଡାହାଣିଆ ନଜର ଥିଲା। କିଟୁ ଏବେ ପଛକୁ ବୁଲିଯାଇ କହିଲା, ବୁଝିଲ ରଜନୀକାନ୍ତ ! ତୁମେ ଝିଅ ପିଲାଟେ ହେବାର ଥିଲା । ଧନ୍ୟ ତୁମର ଚୁଟି ପ୍ରେମ। ହେଲେ କେବେ ଆଉ ତା' ଶ୍ରାଦ୍ଧରେ ବିରହକାବ୍ୟ ମେଘଦୂତ ନ ଲେଖା ହେଉ। ତା'ପରେ ମୋବାଇଲ ଦେଇ କହିଲା, 'ଦୀପାକୁ ଧନ୍ୟବାଦ ମେସେଜ ଦେ... ତୁ ପଡିଗଲା ପରେ ତୋ'ର ତ ହୋସ ନ ଥିଲା ହେଲେ ଦୀପା ତୋତେ ଡାକ୍ତରଖାନା ନେଲା। ଦୁଇଦିନ ଧରି ସେ ବି ସେଠାରେ ଥିଲା। ହଁ ବୁଝିଲୁ ଏହି ଘଟଣା ପରେ ଗୋଟେ ଭଲ ଲାଭ ହେଲା। ପ୍ରିନ୍ସିପାଲଙ୍କ କାନରେ କଥାଟା ପଡିବା ପରେ କଲେଜରୁ ସେ ରାଗିଙ୍ଗ ଭୂତକୁ ଉଠେଇ ଦିଆଗଲା। ଏବେ ଆମେ ସବୁ ରାଗିଙ୍ଗରୁ ମୁକ୍ତ।

ଅଳ୍ପ ସମୟ ପରେ ଦୀପା ଭିଡିଓ କଲ କଲା କିଟୁ ପାଖକୁ। କିଟୁ ରଜନୀ ଆଡକୁ ମୋବାଇଲ ଦେଖାଉ ଥିଲା, ଏବଂ ହସକୁ ନିୟନ୍ତ୍ରଣ କରୁଥିଲା। ସୁନ୍ଦର ଭାବରେ ପୋଜ ଦେବାକୁ ଯାଇ ରଜନୀ ଧୀରେ ଧୀରେ ତା'ହାତକୁ ମୁଣ୍ଡ ପାଖକୁ ଉଠାଇଲା ଏବଂ ଚୁଟିକୁ ସଜାଡ଼ିବାକୁ ଆଙ୍ଗୁଠି ଚାଳନା କଲା। ଫୋନ ସେ ପାଖରୁ ଦୀପା ଆଉ ଦିଦି ମଧ ଠୋ ଠୋ କରି ହସିବାକୁ ଲାଗିଲେ। ରଜନୀର ହୃଦୟର ସ୍ପନ୍ଦନ ମାରାଥନ କରିବାକୁ ଲାଗିଲା। ସେ ଅବାକ ହୋଇଗଲା। ଝଟ କରି ନିଜ ମୋବାଇଲ ଉଠାଇଲା, କ୍ୟାମେରାର ସେଲ୍ଫି ପର୍ଦ୍ଦାରେ ନିଜ ମୁହଁ ଦେଖି ଚମକିଲା ସେ। ଏ କି ବିଚିତ୍ର ପରିବର୍ତ୍ତନ ? ସତରେ ସେ ନିଜେ ନା ଆଉ କିଏ ?

+ଶିକ୍ଷୟିତ୍ରୀ,ଜୟପୁର, କୋରାପୁଟ
ମୋ - ୮୨୪୯୪୫୦୦୫୦

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା

॥ ଭାଗ-୭ ॥

ଅନ୍ୟ ଏକ ନକ୍ଷତ୍ର ରେ ବିସ୍ଫୋରଣ ହେଲା । ଏହା ମଧ ଏକ ନକ୍ଷତ୍ରକୁ ଧକ୍କା ଦେଇଥିଲା। ଏଥିରୁ ଷୋହଳଟି ତାରକା ସୃଷ୍ଟି ହୋଇ ବିରାଜିତ ହେଲେ । ପୁଣି ଥରେ ଏହି ନକ୍ଷତ୍ର ସହ ଅନ୍ୟ ଏକ ନକ୍ଷତ୍ରର ମିଳନ ହେବାରୁ ବିସ୍ଫୋରଣ ହେଲା ଓ ଷାଠିଏଟି ତାରକା ସୃଷ୍ଟି ହେଲେ। କ୍ରମେ ଏହିଭଳି ବାରମ୍ବାର ବିସ୍ଫୋରିତ ହେଉଥିବା ତାରକା ମାନେ ଶୁଭ୍ର ପୁଷ୍ପପୁଞ୍ଜ ସଦୃଶ ଛାୟାପଥ ମାନ ସୃଷ୍ଟି କଲେ।

ପ୍ରଜାପତି ସ୍ୱୟଂଭୂ ବ୍ରହ୍ମା ନିଜର ସୃଷ୍ଟିକୁ ଅନୁଭବ କରି ଆନନ୍ଦରେ ଆତ୍ମମଗ୍ନ ହୋଇଗଲେ। ଏହି ସମୟରେ ଶୁଭ୍ରା ଏକ ତେଜସ୍ୱିନୀ ଆକୃତିକୁ ଧାରଣ କରି ତାଙ୍କ ସମ୍ମୁଖରେ ଓମ୍ କାର ଧ୍ୱନି ସହ ସୃଷ୍ଟିର ବାକ୍ ଶକ୍ତି ମୂର୍ତ୍ତିମତୀ ହୋଇ

ଉଭା ହେଲେ। ସେ ବ୍ରହ୍ମାଙ୍କୁ ଚାହିଁ ପ୍ରଶ୍ନ କଲେ, 'ହେ, ପିତା ! ଆପଣ ମୋତେ କାହିଁକି ସୃଷ୍ଟି କଲେ ? ମୋର ନାମ କଣ ?'

ପ୍ରଜା ପତି ଉତ୍ତର ଦେଲେ, 'ହେ, ପୁତ୍ରୀ, ତୁମର ଶୁଭ ନାମ ସରସ୍ୱତୀ ହେଉ। ତୁମେ ଏହି ଶବ୍ଦ ଶକ୍ତି କୁ ଧାରଣ କରି ପୃଥିବୀ ରେ ବାକ୍ ଦେବୀ ନାମରେ ପରିଚିତା ହେବ। ତୁମ ସହାୟତରେ ହିଁ ମୁଁ ବେଦର ସୃଷ୍ଟି କରିବି। ତୁମେ ବିଶ୍ୱରେ କଳା, ସଙ୍ଗୀତ ଓ ସାହିତ୍ୟର ଦେବୀ ରୂପେ ଆରାଧ୍ୟା ହେବ।ହଁ, ପୁତ୍ରୀ, ତୁମ ସହିତ ପୁନଶ୍ଚ ସରସ୍ୱତୀ ନଦୀ ତଟରେ ମୋର ସାକ୍ଷାତ ହେବ। ଏବେ ତୁମେ ଆଦି ଓମ୍କାର ଧ୍ୱନୀ ରୂପରେ ଏହି ମହାକାଶରେ ବ୍ୟାପ୍ତ ହୋଇ ଯାଅ। ମୋହର ଆଶୀର୍ବାଦରୁ ଅନନ୍ତ ସମୟ ପର୍ଯ୍ୟନ୍ତ ମହାକାଶରେ ତୁମେ ଓମ୍ ଧ୍ୱନି ରୂପେ ଶ୍ରୁତ ହୁଅ।'

' ଯେପରି ଆଜ୍ଞା।' ଏହା କହି ସେହି ମହାଶ୍ୱେତା ନାରୀମୂର୍ତ୍ତି ଦିଗ୍ ବିଦିଗ୍‌ରେ ବ୍ୟାପ୍ତ ହୋଇଗଲେ।

ପୁଣି ହଜାର, ହଜାର କୋଟି, କୋଟି ବର୍ଷ ପରେ ସୃଷ୍ଟି ତତ୍ତ୍ୱ ଓ ନକ୍ଷତ୍ରମାନଙ୍କ ଉପରେ ଗବେଷଣା କରୁଥିବା ଯୋଗ ସାଧକ, ବ୍ରହ୍ମଜ୍ଞାନୀ ଓ ଜ୍ୟୋତିର୍ବିଦ୍ ମାନେ ନିଜ ନିଜର ଇଷ୍ଟ ପୁରୁଷ ବା ଆରାଧ୍ୟଙ୍କ ନାମ ଅନୁସାରେ ନକ୍ଷତ୍ର ମାନଙ୍କର ନାମକରଣ କରୁଥିଲେ।

ଏହା ଦ୍ୱାରା ସେମାନେ ଆକାଶ ମଣ୍ଡଳରେ ନିଜ ନିଜ ଆସ୍ଥାନକୁ ଦୃଢ କରି ଯୁଗେଯୁଗେ ପୃଥିବୀ ବାସୀ ବା ଭାରତ ବାସୀଙ୍କ ଦ୍ୱାରା ସ୍ମରିତ ହେବେ ଏବଂ ସେମାନଙ୍କର କୀର୍ତ୍ତି ମାନ ଉଜ୍ଜ୍ୱଳ ରହିବ ବୋଲି ସେମାନଙ୍କର ବିଶ୍ୱାସ ଥିଲା।

କହିବା ବାହୁଲ୍ୟ ଯେ ସେହି ପ୍ରଥମେ ସୃଷ୍ଟି ହୋଇଥିବା ଚାରୋଟି ତାରକା ଥିଲେ ସନକ, ସନତ, ସନନ୍ଦ ଓ ସନାତନ। ଦ୍ୱିତୀୟ ତଃ ଉତ୍ତର ଆକାଶର ନାଭିକେନ୍ଦ୍ର ରୂପେ ସୃଷ୍ଟ ମେରୁ ତାରକାଟି ଉଜ୍ଜ୍ୱଳ ଧ୍ରୁବ ତାରା। ତାକୁ କେନ୍ଦ୍ର କରି ସପ୍ତର୍ଷି ମଣ୍ଡଳରେ ଘୁରୁଥିବା ତାରାମାନେ ହେଲେ, କ୍ରତୁ, ପୁଲହ, ପୁଲସ୍ତ୍ୟ, ଅତ୍ରି, ଅଙ୍ଗିରା, ବଶିଷ୍ଠ ଓ ମରୀଚି । ତାଙ୍କ ନିକଟରେ ଥିଲେ ତାରକା ଭୃଗୁ, ନାରଦ ଓ ଦକ୍ଷ। ପୁଣି ବିସ୍ଫୋରିତ ହୋଇଥିବା ନକ୍ଷତ୍ର ଦ୍ୱୟ ଥିଲେ ମରୀଚି ଓ କଳା ଏବଂ ସେମାନଙ୍କଠାରୁ କଶ୍ୟପ ଓ ପୂର୍ଣ୍ଣିମା ଜନ୍ମ ହୋଇଥିଲେ। କଶ୍ୟପଙ୍କଠାରେ ସମ୍ପୂର୍ଣ୍ଣ ଭାବେ ସୃଷ୍ଟି କରିବାର ଗୁଣ ପରିପୂର୍ଣ୍ଣ ଥିଲା। ଦକ୍ଷ ଓ ଅସ୍ମିକୀଙ୍କ ଠାରୁ ସୃଷ୍ଟି ହୋଇଥିବା ଷାଠିଏ ଜଣ ତାରକାଙ୍କ ମଧ୍ୟରୁ ଅଦିତି, ଦିତି, ଦନୁ, କାଷ୍ଠା, ସୁରସା, ତମରା, ଅରିଷ୍ଟା,ସୁରଭି,ଇଳା, ମୁନୀ, ସୁରମା, କ୍ରୋଧବଶା ଓ ବ୍ରହ୍ମାଙ୍କଠାରୁ ସୃଷ୍ଟି ହୋଇ ବିସ୍ଫୋରିତ ହୋଇ ନଥିବା କାଳକା ଓ ଅରିଷ୍ଟା ମଧ କଶ୍ୟପଙ୍କ ନିକଟରେ ଥିଲେ । ପୁଣି ଦକ୍ଷ ଓ ପ୍ରସୂତିଙ୍କ ମିଳିତ ବିସ୍ଫୋରଣରୁ ସୃଷ୍ଟ ଷୋହଳଟି ତାରକାଙ୍କ ମଧ୍ୟରୁ ତେରଟି ଧର୍ମ ବା ଯମଙ୍କ ସହ ,ଅଗ୍ନି କୋଣରେ ଏକ, ପିତୃ କୋଣରେ ଏକ ଓ ଶ୍ରୀଙ୍କ ସ୍ଥାନରେ ସତୀ ନାମରେ ଏକ ତାରକା ଥିଲେ। ଦକ୍ଷ ଓ ଅସ୍ମିକୀଙ୍କଠାରୁ ସୃଷ୍ଟି ହୋଇଥିବା ଅଦିତି, କଶ୍ୟପଙ୍କ ପ୍ରତି ଆକର୍ଷିତ ହୋଇ ବିସ୍ଫୋରିତ ହେବାରୁ ସେଥିରୁ ଅର୍ଯ୍ୟମା, ପୁଷା, ବିବସ୍ୱାନ, ତ୍ୱଷ୍ଟା, ସବିତା,ଉରୁକ୍ରମ, ବରୁଣ, ଧାତା, ଭଗ ଓ ମିତ୍ର ନାମରେ ଦଶଜଣ ସୂର୍ଯ୍ୟ ସୃଷ୍ଟି ହେଲେ।

ଅଦିତି; ସୂର୍ଯ୍ୟ ମାନଙ୍କର ମାତା ଅଦିତି ଯେତେ ବେଳେ ଏକ ନକ୍ଷତ୍ର ରୂପରେ ଆକାଶ ମଣ୍ଡଳରେ ସୃଜନର ବିସ୍ଫୋରଣ ସୃଷ୍ଟି କଲେ, ତାଙ୍କଠାରୁ ଏକ କାଳୀନ ଦଶଟି ସୂର୍ଯ୍ୟ ସୃଷ୍ଟି ହୋଇ ଦଶ ଦିଗକୁ ତେଜମୟ କରି ଦେଲେ।

ତେଣୁ ବ୍ରହ୍ମା ଆନନ୍ଦରେ ତାଙ୍କୁ କୋଳାଗ୍ରତ କରି କହିଲେ, 'ଆଗୋ ପରମ ତେଜସ୍ୱିନୀ ! ଦୀପ୍ତିମୟୀ ! ଏହି ବିଶ୍ୱ ବ୍ରହ୍ମାଣ୍ଡକୁ ତୁମେ ପ୍ରଥମେ ଜ୍ୟୋତିକୁ ବିକାଶ କରି ତେଜ, ଉତ୍ତାପ ଓ ଆଲୋକ ପ୍ରଦାନ କରି ଥିବାରୁ ତୁମର ନାମ ରହିବ ଅଦିତି। ଅର୍ଥାତ୍ ତେଜ ବତୀ।

'ଯେପରି ଆଜ୍ଞା।' କହି ଅଦିତି ନତ ମସ୍ତକ ହୋଇ ନିଜ କାର୍ଯ୍ୟ ରେ ମନ ଦେଲେ ଓ ବିଶ୍ୱକୁ ନିରନ୍ତର ତେଜ ପ୍ରଦାନ କଲେ।

ସୂର୍ଯ୍ୟ ମାନଙ୍କଠାରୁ ଅଷ୍ଟ ଗ୍ରହ, ଉପଗ୍ରହ ଓ ବାମନ ଗ୍ରହମାନ ସୃଷ୍ଟି ହେଲେ ।

ଆଜକୁ ଠିକ୍ ଚାରିଶହ ବତିଶ କୋଟି (ବୈଜ୍ଞାନିକମାନଙ୍କ ମତରେ, ଚାରି ଶତ କୋଟିବର୍ଷ ପୂର୍ବେ, ପୃଥିବୀ ସହିତ ଜିଆ ନାମକ ଏକ ଉଲ୍କା ପିଣ୍ଡର ଧକ୍କା ହେଲା। ଏହା ଫଳରେ ପୃଥିବୀର କିଛି ସଂକ୍ଷିପ୍ତ ଅଂଶବିଭକ୍ତ ହୋଇ ଶନିର ବଳୟ ପରି ଏହାର ଚତୁଃପାର୍ଶ୍ୱରେ ଘୁରି ବୁଲିଲା । ଏହା ଚନ୍ଦ୍ରରେ ପରିଣତ ହେଲା।) ବର୍ଷ ପୂର୍ବେ ଚନ୍ଦ୍ରଙ୍କର ସୃଷ୍ଟି ହେଲା। ଚନ୍ଦ୍ରର ଗତି ପଥରେ ଥିବା ସତେଇଶ ଜଣ ନକ୍ଷତ୍ର ହେଲେ, ଆର୍ଦ୍ରା, ମୂଳା, ଧନିଷ୍ଠା,ପୁନର୍ବସୁ , ପୁଷ୍ୟା, ଶତଭିଷା, ମଘା, ଚିତ୍ରା, ଅଶ୍ଳେଷା, ଶ୍ରବଣା ବିଶାଖା, ଉତ୍ତରାଷାଢା, ପୂର୍ବାଷାଢା,ଉତ୍ତରା ଫାଲ୍ଗୁନୀ, କୃତ୍ତିକା, ହସ୍ତା, ଅଶ୍ୱିନୀ, ମୃଗଶିରା ଇତ୍ୟାଦି। ସେଥିରୁ ଧର୍ମଙ୍କ ନିକଟରେ ଦଶ, ତାକ୍ଷ କଶ୍ୟପଙ୍କ ନିକଟରେ ଚାରି, ଭୂତ, ଅଙ୍ଗିରା, କୃଶ୍ୱାଶ୍ୱଙ୍କ ନିକଟରେ ଦୁଇ ଦୁଇ କରି ଛ' ଟି ତାରା , ଅତ୍ରିଙ୍କ ନିକଟରେ ଅନୁସୂୟା , ବଶିଷ୍ଠଙ୍କ ନିକଟରେ ଅରୁନ୍ଧତୀ, ପୌଲସ୍ତ୍ୟଙ୍କ ନିକଟରେ ହବି, ପୁଲହଙ୍କ ନିକଟରେ ଗତି ଓ ଭୃଗୁଙ୍କ ନିକଟରେ ଖ୍ୟାତି ତାରା ରହିଲେ। (କ୍ରମଶଃ...)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

ମନୁଷ୍ୟର ବାସ୍ତବିକ ଗୁଣ

ଶ୍ୱେତା ରାଉତ୍

ଯୁଗ ବଦଳି ଗଲାଣି, ଲୋକମାନଙ୍କ ସ୍ୱଭାବ ବଦଳି ଗଲାଣି, ମାନବିକତା ମରି ଗଲାଣି,ଏମିତି କହି କହି ଆମେ ସବୁବେଳେ ନକାରାତ୍ମକ ବିଚାରକୁ ବିତରଣ କରୁଛେ। ବାସ୍ତବରେ ପ୍ରତ୍ୟେକ ମଣିଷ ଗୋଟେ ଗୋଟେ ପବିତ୍ର ଆତ୍ମା ଏବଂ ସ୍ୱଚ୍ଛ ବିଚାର, ଶୁଦ୍ଧ ଭାବନା, ସେବା ଓ ସହଯୋଗୀ ମନୋଭାବ ତାର ସହଜାତ ପ୍ରବୃତ୍ତି।ଏହାର ଉଦାହରଣ ଦେଇଛନ୍ତି ନିକଟରେ ହୋଇଥିବା ରେଳ ଦୁର୍ଘଟଣାରେ ସ୍ୱେଚ୍ଛାକୃତ ଭାବେ ସହଯୋଗ କରିଥିବା ଯୁବ ପିଢ଼ି ଓ ରକ୍ତ ଦାନ କରି ଅନେକ ଦୁର୍ମୂଲ୍ୟ ଜୀବନ ବଞ୍ଚେଇବାରେ ସାହାଯ୍ୟ କରିଥିବା ଦେବଦୂତମାନେ। ସେମାନଙ୍କ ସ୍ୱଭାବ, ବିଚାର, ବୟସ, ବୃତ୍ତି ସମ୍ପୂର୍ଣ୍ଣ ଭିନ୍ନ, କିନ୍ତୁ ସହଯୋଗ କରିବାର ଉତ୍ସାହ ସମସ୍ତଙ୍କର ଏକ ଓ ଅଭିନ୍ନ। କାରଣ ଈଶ୍ୱରଙ୍କ ସବୁ ସନ୍ତାନ ସମାନ ଓ ସୁବିଚାରଯୁକ୍ତ। ଏହା ସେମାନଙ୍କ ପ୍ରାକୃତିକ ଲକ୍ଷଣ। ଯେମିତି ଗୋଟେ ଧଳା ଲୁଗା ଦେଖିବାକୁ ସ୍ୱଚ୍ଛ, ସୁନ୍ଦର, ପରିଷ୍କାର ହୋଇଥାଏ ଓ ତାକୁ ପରିଧାନ କରିଥିବା ବ୍ୟକ୍ତି ଗୋଟେ ଧୂଳି ଜମିଥିବା ଚେୟାରରେ ବସି ପଡିଲେ କିମ୍ବା ମାଟି କାଦୁଅରେ କାମ କଲେ ସେ ଧଳା ଲୁଗାରେ ମଇଳା ଲାଗି ଖରାପ ହୋଇଥାଏ, ଠିକ୍ ସେମିତି ଆତ୍ମା ସବୁବେଳେ ସ୍ୱଚ୍ଛ, ଆତ୍ମା ସଂସାରରେ ଯେଉଁମାନଙ୍କ ସଂସ୍ପର୍ଶରେ ଆସିଥାଏ, ଯେଭଳି ପରିସ୍ଥିତି ଦେଇ ଗତି କରିଥାଏ, ତାହା ତାକୁ ପ୍ରଭାବିତ କରେ ଓ ତାର ସ୍ୱଭାବ ତଦନୁସାରେ ବଦଳିଥାଏ।

ଘରେ ହୁଅନ୍ତୁ ବା ବାହାରେ ଜଣଙ୍କୁ ବାରମ୍ବାର 'ତୁ ଖରାପ ତୁ ଖରାପ, ତୋ ଯୋଗେ କିଛି ହେବନି,ତୋ ପାଇଁ ସମସ୍ତେ ହଇରାଣ

ବିଜେପି ପକ୍ଷରୁ ଜିଲ୍ଲାପାଳଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ

ମାଲକାନଗିରି, ୦୭/୦୬ (ନି.ପ୍ର): ମାଲକାନଗିରି ବିଜେପି ଜିଲ୍ଲା ସଭାପତି ନିମାଇଁ ଚନ୍ଦ୍ର ପାଲଙ୍କ ନେତୃତ୍ୱରେ ବିଜେପି କର୍ମୀ ମାନେ ଜିଲାପାଳ ବିଶାଲ ସିଂ ଙ୍କୁ ଭେଟି ଏକ ୩ ଦଫା ଦାବୀପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ଗୁଡିକ ମଧ୍ୟରେ କାଳବୈଶାଖୀରେ ନିର୍ମାଣାଧିନ ଏୟାରପୋର୍ଟ ପାଟେରି ଭାଙ୍ଗି ମୃତ୍ୟୁ ବରଣ କରିଥିବା ପରିବାରକୁ ୨୫ ଲକ୍ଷ ଟଙ୍କା ପ୍ରଦାନ ଏବଂ ହୋଇଥିବା ନିମ୍ନମାନର କାମର ତଦନ୍ତ । କାଲିମେଳା ବ୍ଲକ ଭୁବନପଲ୍ଲୀ ପଂଚାୟତର କୁନନପାଲ୍ଲୀ ଓ ତାଣ୍ଡବାଇ ପଂଚାୟତ କଟନପଲ୍ଲୀରୁ ବେଆଇନ ଭାବେ ଧଳା ପଥର ସରକାରୀ କର୍ମଚାରିଙ୍କୁ ହାତ କରି ଲୁଟ ଚାଲିଛି ତାହାର ତଦନ୍ତ ଏବଂ କାଲିମେଳା ବ୍ଲକରେ ୧୦ଟି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହେବାର ବହୁ ବର୍ଷ ପରେ ମଧ୍ୟ ଲୋକଙ୍କ କାମରେ ଆସୁନାହିଁ ଅଥଚ ଏହାର ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି । ଏହି ଦାବୀ ପ୍ରଦାନ ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ମାଣିକଲାଲ ଚକ୍ରବର୍ତୀ, ସମ୍ପାଦକ ନବଘନ ଲକେଇ, ଜିଲ୍ଲା କୋଷାଧ୍ୟକ୍ଷ ସଞ୍ଜୟ ସରକାର, ଜିଲ୍ଲା ଓବିସି ମୋର୍ଚା ସଭାପତି ବିଜୟ ମହାରଣା, ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର, କାଲିମେଳା ବ୍ଲକ ବିଧାୟକ ପ୍ରତିନିଧି ରାଜକିଶୋର ମଣ୍ଡଳ, ଜିଲ୍ଲା ଯୁବମୋର୍ଚା ସାଧାରଣ ସମ୍ପାଦକ ରତନ ବଣିକ, ଏସ.ଟି. ମୋର୍ଚା ସାଧାରଣ ସମ୍ପାଦକ ନରସିଂହ ମାଡକାମୀ, ରାହୁଲ ତାଓ୍ୱାରୀ, ସକୁ ସରକାର, ଗୋପାଳ ଚନ୍ଦ୍ର ଦେ, ଗୌତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

କାର୍ଯ୍ୟରେ ଯୋଗଦେବେ ସମନ୍ୱିତ ଶିଶୁବିକାଶ ଅଧିକାରିଣୀ

ସାଲେପୁର, ୦୭/୦୬ (ନି.ପ୍ର): ନିଶ୍ଚିନ୍ତକୋଇଲି ମହିଳା ଓ ଶିଶୁ ବିକାଶ ଅଧିକାରୀଙ୍କ ଠାରୁ ଏକ ସରକାରୀ ସ୍ତରୀୟ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମଗ୍ର ନିଶ୍ଚିନ୍ତକୋଇଲି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି । ଓଡିଶା ସରକାରଙ୍କ ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ରୂପେ ସତ୍ୟଭାମା ବିଶୋଇଙ୍କୁ ବିଭାଗୀୟ କାର୍ଯ୍ୟାଦେଶ ଚିଠି ନଂ ୧୧୩୭୬, ତାରିଖ ୦୨.୦୬.୨୦୨୩ ରେ ବିଭାଗୀୟ ନିର୍ଦ୍ଦେଶ ଆସିଛି । ପୂର୍ବରୁ ସତ୍ୟଭାମା ବିଶୋଇ କଟକ ଜିଲ୍ଲା ତିଗିରିଆ ପଂଚାୟତ ସମିତିରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଭାବେ କାର୍ଯ୍ୟ କରୁଥିଲେ । ଏଠାରେ ସୂଚନା ଥାଉ କି, ପୂର୍ବରୁ କାର୍ଯ୍ୟରତ ନିଶ୍ଚିନ୍ତକୋଇଲି ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଲୀଳାବତି ସେଠୀଙ୍କ ଅବସର ପରେ ଏହି ପଦବୀଟି ଦୀର୍ଘ ଦିନ ହେଲା ଖାଲି ପଡିଥିଲା । ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟଜ୍ୟୋତି ସ୍ମୃତିଂଜନ ଦେଓ ଉକ୍ତ କାର୍ଯ୍ୟାଳୟର ଅତିରିକ୍ତ କାର୍ଯ୍ୟ ବହନ କରିଆସୁଥିଲେ । ଏହି ପଂଚାୟତ ସମିତି ଅନ୍ତର୍ଗତ ୪୧ ଗୋଟି ପଂଚାୟତରେ ୨୩୪ ଗୋଟି ଅଙ୍ଗନୱାଡି କେନ୍ଦ୍ର ଓ ୨୫ ଗୋଟି ମିନୀ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ କରୁଛି । ଏଠାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ନଥିବାରୁ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟରତ ୯ ଜଣ ସୁପରଭାଇଜରଙ୍କ ସମେତ ପ୍ରତ୍ୟେକ ଅଙ୍ଗନୱାଡି ଓ ମିନୀ ଅଙ୍ଗନୱାଡିରେ କାର୍ଯ୍ୟରତା କର୍ମୀ ଓ ସହାୟିକାଙ୍କ ସମେତ ଛୋଟ ଛୋଟ କୋମଳମତି ଶିଶୁମାନେ ମଧ୍ୟ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ । ନୂତନ ଭାବେ ସତ୍ୟଭାମା ବିଶୋଇ ନିଶ୍ଚିନ୍ତକୋଇଲି ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଭାବେ ଯୋଗ ଦେଇଥିବାରୁ ସମସ୍ତ ୯ ଜଣ ସୁପରଭାଇଜର, ସମସ୍ତ ଅଙ୍ଗନୱାଡିକେନ୍ଦ୍ର ଓ ମିନୀ ଅଙ୍ଗନୱାଡି କେନ୍ଦ୍ରର କର୍ମୀ, ସହାୟିକା ଓ କୋମଳମତି ଶିଶୁମାନଙ୍କ ମଧ୍ୟରେ ନୂତନ ସ୍ପୃହା ଜାଗରଣ ହୋଇଛି । ବାକି ରହିଲା କେବେ ସତ୍ୟଭାମା ବିଶୋଇ ନିଶ୍ଚିନ୍ତକୋଇଲି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଭାବେ ଯୋଗଦେବେ ।

ଫୁଲକଁଅଳେଇ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

ଚମ୍ପୁଆ, ୦୭/୦୬ (ନି.ପ୍ର): ଚମ୍ପୁଆ ବ୍ଲକ ଜଜପଣି ପଂଚାୟତ ଅନ୍ତର୍ଗତ ଫୁଲକଁଅଳେଇ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ଚଳିତ ବର୍ଷ ୨୦୨୩ ପାଇଁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ତରଫରୁ ପ୍ରକୃତି ମିତ୍ର ପୁରସ୍କାର ୨୦୨୩ ରେ ସମ୍ମାନିତ କରାଯାଇଛି । ଭୁବନେଶ୍ୱର ଲୋକସେବା ଭବନ ଠାରେ ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଭିଡ଼ିଓ ବାର୍ତା ଦେଇ ସମ୍ବୋଧିତ କରିଥିବା ବେଳେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ, ସି.ସି.ଏଫ. ମୁଖ୍ୟ ବନ ସଂରକ୍ଷକ ପ୍ରମୁଖ ଯୋଗଦେଇ ଫୁଲକଁଅଳେଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୀବନ କୁମାର ମହାନ୍ତଙ୍କୁ ବ୍ଲକ ସ୍ତରରେ ଶ୍ରେଷ୍ଠ ସର୍ବୋତ୍କୃଷ୍ଟ ବିବେଚିତ ହୋଇଥିବାରୁ ପ୍ରମାଣ ପତ୍ର ସହିତ କୋଡିଏ ହଜାର ଟଙ୍କାର ନଗଦ ଚେକ ପ୍ରଦାନ କରିଥିଲେ ।

ପ୍ରକୃତି ମିତ୍ର ପୁରସ୍କାର ପାଇବା ଖବର ପ୍ରଚାରିତ ହେବା ପରେ ପ୍ରଧାନଶିକ୍ଷକ ଜୀବନ ମହାନ୍ତଙ୍କ ନିକଟକୁ ବିଦ୍ୟାଳୟ, ଗ୍ରାମ ତଥା ଅଂଚଳରୁ ଶୁଭେଚ୍ଛାର ସୁଅ ଛୁଟିଛି । ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ପ୍ରଧାନଶିକ୍ଷକ ଜୀବନ ମହାନ୍ତ ପ୍ରକାଶ କରିଛନ୍ତି ।

ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ : ନିରପେକ୍ଷ ତଦନ୍ତ ଦାବି କଲେ ପରିବାର ଲୋକେ

ଧର୍ମଶାଳା, ୦୭/୦୬ (ନି.ପ୍ର): ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଗତକାଲି ବିଳମ୍ବିତ ରାତି ଏଭଳି ଘଟଣା ଘଟିଛି ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ରୁଦ୍ରପୁର ଗ୍ରାମରେ । ମୃତ ଯୁବକ ଜଣକ ହେଲେ ରୁଦ୍ରପୁର ଗ୍ରାମର ଅଶୋକ ସାହୁଙ୍କ ପୁଅ ଅରବିନ୍ଦ (୨୪) ବୋଲି ଜଣାପଡିଛି । ଏହି ଘଟଣା ଜଣାପଡିବା ପରେ ପରିବାର ଲୋକ ଓ ଗ୍ରାମବାସୀ ଘଟଣାସ୍ଥଳରେ ପଂହଚିଥିଲେ । ନିକଟରେ ଥିବା ଏକ ଘର ଭିତରେ ଜୋତା, କଟା ହୋଇଥିବା କିଛି ରଶି, ବ୍ଲେଡ ଆଦି ପଡିଥିବା ବେଳେ ଅରବିନ୍ଦଙ୍କ ବାମ ହାତରେ ୨ଟି ସ୍ଥାନରେ କଟା ହୋଇଥିବା ଦେଖିବାକୁ ପାଇଥିଲେ । ସନ୍ଦେହଜନକ ଭାବେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ପରିବାର ଲୋକେ । ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ କଳ୍ପନା ଜଳ୍ପନା ଲାଗି ରହିଛି । ପରିବାର ପକ୍ଷରୁ ଏନେଇ ଥାନାରେ ଅଭିଯୋଗ ହେବା ପରେ ରୁଦ୍ରପୁର ଖେଳପଡିଆ ଓସ୍ତ ଗଛରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହକୁ ଉଦ୍ଧାର କରିଛି ପୁଲିସ । ରଶି, ବ୍ଲେଡ ସହ ମୋବାଇଲକୁ ଜବତ ମଧ୍ୟ କରିଛି ପୋଲିସ । ମୋବାଇଲ ନମ୍ବର ଯାଂଚ କଲେ ପ୍ରକୃତ କାରଣ ଜଣାପଡିବ ବୋଲି ଗ୍ରାମବାସୀ ଓ ମୃତକଙ୍କ ପରିବାର ଲୋକେ ଦାବି କରିଛନ୍ତି । ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ପୋଲିସ । ଶବକୁ ଜବତ କରି ଏହାର ଚତୁପାର୍ଶ୍ୱ ଛାନଭିନ କରିବା ପରେ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି । ସ୍ୱର୍ଗତ ଅରବିନ୍ଦ ଚଣ୍ଡିଖୋଲସ୍ଥିତ ମଣିପୁରମ ଗୋଲଡ ଲୋନ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ । ଅନ୍ୟପକ୍ଷରେ ପୋଲିସ ଜବତ ହୋଇଥିବା ମୋବାଇଲରେ ଥିବା ଡାଏଲ ନମ୍ବରକୁ ଯାଂଚ କରିଛି । ଶେଷ ଡାଏଲ ନମ୍ବରକୁ ସଂଗ୍ରହ କରି ତଦନ୍ତ ଆରମ୍ଭ କରିବା ସହ ଏହି ନମ୍ବର ସ୍ଥାନୀୟ ଅଂଚଳର ଜଣେ ଯୁବତୀଙ୍କର ହୋଇଥିବା ଜଣାପଡିଛି । ତେବେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଜଣାପଡିଛି । କେଉଁ କାରଣରୁ କେଉଁ ପରିସ୍ଥିତିରେ ଅରବିନ୍ଦଙ୍କର ଏଭଳି ସନ୍ଦେହଜବକ ମୃତ୍ୟୁ ଘଟିଲା ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସରକାରୀ ସହାୟତା ଯୋଗାଇଦେବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି ବଣ୍ଡା ଛାତ୍ରୀ

ମାଲକାନଗିରି, ୦୭/୦୬ (ନି.ପ୍ର): ପାଠପଢା ଖର୍ଚ୍ଚ ତୁଲାଇବାକୁ ପଇସା ନାହିଁ । ମଜୁରି ଖଟୁଛନ୍ତି ପାଠ ପଢୁଆ ବଣ୍ଡା ଝିଅ । କରମା ମୁଦୁଲିଙ୍କ ପରେ ସରକାରୀ ସହାୟତା ପାଇଁ ନିବେଦନ କଲେ ଆଉ ଜଣେ ବଣ୍ଡାଘାଟିର ଛାତ୍ରୀ । ବଣ୍ଡାଘାଟିର ମେଧାବୀ ଝିଅ କର୍ମା ମୁଦୁଲି, ଯିଏକି ଯୁକ୍ତ ଦୁଇ ବାଣିଜ୍ୟରେ ଜିଲ୍ଲା ଟପ୍ପର ହୋଇଥିବା ବେଳେ ଦିନ ମଜୁରିଆ ଭାବେ କାମ କରୁଥିଲେ । ଗତ ମଇ ୩୦ରେ ତାଙ୍କ ସମ୍ପର୍କରେ ରାଜ୍ୟର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା । ଏହାପରେ ସେହିଦିନ ହିଁ କରମାକୁ ଭୁବନେଶ୍ୱର ପଢିବା ପାଇଁ ପଠାଇ ଦେଇଥିଲା ଜିଲ୍ଲା ପ୍ରଶାସନ । ତେବେ ଖବର ପ୍ରସାରଣ ପରେ ଜିଲ୍ଲା ପ୍ରଶାସନ କରମା ମୁଦୁଲିଙ୍କୁ ସହାୟତାର ହାତ ବଢ଼ାଇଲା ସତ କିନ୍ତୁ କରମାର ସହପାଠୀ ଯିଏ କି ତାଙ୍କରି ସହ ସେହି ଠିକାଦାରଙ୍କ କ୍ୟାମ୍ପରେ ଦିନ ମଜୁରିଆ କାମ କରୁଥିଲା ତାକୁ ଅଣଦେଖା କରିଥିଲା ଜିଲ୍ଲା ପ୍ରଶାସନ । ବଣ୍ଡାଘାଟିର ପଡେଇଗୁଡା ଗାଁର ଅନ୍ୟ ଜଣେ ବଣ୍ଡା ଛାତ୍ରୀ ସମିତା ମୁଦୁଲି । ତାଙ୍କ ବାପା ଶୁକ୍ରା ମୁଦୁଲି ଓ ମାଆ ଶୁକ୍ରି ମୁଦୁଲି । ସମିତା ଯୁକ୍ତ ୩ ବାଣିଜ୍ୟ ପ୍ରଥମ ବର୍ଷର ଛାତ୍ରୀ ଓ ହଷ୍ଟେଲରେ ରହି ପାଠ ପଢନ୍ତି । ସେ ଯୁକ୍ତ୨ରେ ୫୮ ପ୍ରତିଶତ ମାର୍କ ରଖି ପାସ କରିଥିଲେ । କଲେଜର ଖରାଛୁଟି ହେବାପରେ ନିଜ ଗାଁ ପଡେଇଗୁଡାକୁ ଆସିଥିଲେ । ତାଙ୍କ ଘରର ଆର୍ଥିକ ସ୍ଥିତି ଠିକ୍ ନଥିବାରୁ ପାଠପଢା ଖର୍ଚ୍ଚ ତୁଲାଇବାକୁ ସମିତା ପଡୋଶୀ ସହପାଠୀ କରମାଙ୍କ ସହ ମାଲକାନଗିରି ସହରକୁ ଦିନ ମଜୁରିଆ ଭାବେ କାମ କରିବାକୁ ଯାଇଥିଲେ । ସହରରେ ଏକ ଠିକା କମ୍ପାନୀର କ୍ୟାମ୍ପରେ ରହି ଦୁହେଁ ମଜୁରିଆ ଭାବେ କାମ କରି ଆସୁଥଲେ । ଏହି ସମୟରେ ଜିଲ୍ଲା ଟପ୍ପର କରମା ମୁଦୁଲିଙ୍କ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା । ତାଙ୍କୁ ସରକାରୀ ସହାୟତା ବି ମିଳିଥିଲା । ଏଣେ ଠିକା କମ୍ପାନୀର କ୍ୟାମ୍ପ ଓ କାମ ଚାଲୁଥିବା ଜାଗାକୁ ପ୍ରଶାସନିକ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଯିବାର ଦେଖି ଠିକାଦାର କରମାଙ୍କ ସହପାଠି ସମିତାଙ୍କୁ କାମରୁ ବାହାର କରିଦେଇଥିଲେ । ତେଣୁ ମଜୁରି ଲାଗି ପାଠପଢା ଖର୍ଚ୍ଚ ବହନ କରିବାକୁ ଚେଷ୍ଟା କରୁଥିବା ସମିତା ଏବେ ହତାଶ ହୋଇପଡିଛନ୍ତି । ସେ ଭବିଷ୍ୟତରେ ଜଣେ ଭଲ ଶିକ୍ଷୟିତ୍ରୀ ହେବାର ଲକ୍ଷ୍ୟ ରଖିଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ କରମା ମୁଦୁଲିଙ୍କୁ ଯେଉଁଭଳି ସହାୟତା କରିଛି ତାଙ୍କୁ ବି ସେମିତି ସାହାଯ୍ୟ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି ଏହି ବଣ୍ଡା ଛାତ୍ରୀ । ବଣ୍ଡାଘାଟିରେ ଦୁଇଟି ପଂଚାୟତର ୩୨ଟି ଗାଁରେ ପ୍ରାୟ ୭ ହଜାରରୁ ଉର୍ଦ୍ଧ୍ୱ ବଣ୍ଡା ଜନଜାତିର ଲୋକେ ବସବାସ କରନ୍ତି । ବଣ୍ଡା ଉନ୍ନୟନ ସଂସ୍ଥା ଦ୍ୱାରା କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା କୁହାଯାଉଥିବା ବେଳେ ପ୍ରକୃତରେ ଏହା ଖର୍ଚ୍ଚ ହେଉଛି କି ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଆୟୁର୍ବେଦ ଚିକିତ୍ସା ଶିବିର ଅନୁଷ୍ଠିତ

ଜୟପୁର, ୦୭/୦୬ (ନି.ପ୍ର): ଆୟୁର୍ବେଦ ବିକାଶ ପରିଷଦ ତରଫରୁ ଆୟୁବେଦ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ଜୟପୁର ଦୈନିକ ବଜାର ପରିସରରେ ଥିବା ଶ୍ରୀନିବାସ ଆୟୁର୍ବେଦ ଭବନ ପରିସରରେ ଶ୍ରୀ ଧନ୍ୱନ୍ତରୀ ଆୟୁର୍ବେଦ ଫାର୍ମାସି ତକଫରୁ ଏକ ମାଗଣା ଆୟୁର୍ବେଦ, ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ପ୍ରାୟ ୨୫୦ ଜଣ ରୋଗି ଚିକିତ୍ସିକଙ୍କ ଦ୍ୱାରା ଚିକିତ୍ସିତ ହୋଇ ମାଗଣା ଔଷଧ ପାଇଥିଲେ । ଡାକ୍ତର ସୁଦର୍ଶନ ଗୌଡ, ମନୋଜ କୁମାର ବିଶ୍ୱାଳ, ଡାକ୍ତର ବିନୋଦ ବିହାରି ରଥ, କବିରାଜ କ୍ଷେତ୍ରବାସୀ ପଣ୍ଡା, ବୈଦ ସୁଯ୍ୟ ନାରାୟଣ ମିଶ୍ର, ମ୍ୟାନେଜର ତ୍ରିନାଥ ନାୟକ ଓ ସତ୍ୟ ନାରାୟଣ ସାହୁ ଉପସ୍ଥିତ ଥିଲେ । ଶିବିର କୁ ବୈଦ ଶ୍ରୀନିବାସ ପାତ୍ର ଆୟୋଜନ କରିଥିବା ବେଳେ କବିରାଜ ପରମେଶ୍ୱର ପାତ୍ର ସହଯୋଗ କରିଥିଲେ ।

ବଲାଙ୍ଗୀର ଜିଲ୍ଲା କରାଟେ ଅର୍ଗାନାଇଜେସନକୁ ପ୍ରକୃତି ମିତ୍ର ପୁରସ୍କାର

ବଲାଙ୍ଗୀର, ୦୭/୦୬ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ କନଫରେନ୍ସ ହଲ ଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବଲାଙ୍ଗୀର ଜିଲ୍ଲା କରାଟେ ଅର୍ଗାନାଇଜେସନକୁ ପ୍ରକୃତି ମିତ୍ର ଆୱାର୍ଡରେ ସମ୍ମାନିତ କରିଥିଲେ । ବଲାଙ୍ଗୀର ଜିଲ୍ଲା କରାଟେ ଅର୍ଗାନାଇଜେସନର ସାଧାରଣ ସମ୍ପାଦକ ତଥା କରାଟେ କୋଚ ଅସୀମ କୁମାର ଭୋଇ ଜଙ୍ଗଲ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଠାରୁ ଏହି ପ୍ରକୃତି ମିତ୍ର ଆୱାର୍ଡ ଓ ୨୦ହଜାର ଟଙ୍କା ଅର୍ଥ ରାଶି ଗ୍ରହଣ କରିଛନ୍ତି । ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନେଶ୍ୱର ଲୋକସେବା ଭବନ କନଫରେନ୍ସ ହଲ ଠାରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ରୁପେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଦ୍ୱାରା ଉଦ୍‌ଘାଟନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରଦୀପ କୁମାର ଅମାତ ମାନ୍ୟବର ମନ୍ତ୍ରୀ ଜଙ୍ଗଲ ଓ ଜଳବାୟୁ ପରିବର୍ତନ ଓଡିଶା ସକାର, ସତ୍ୟବ୍ରତ ସାହୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଦେବୀଦତ ବିଶ୍ୱାଳ ରାଜ୍ୟ ଜଙ୍ଗଲ ବାହିନୀ ମୁଖ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଏହି କରାଟେ ଅନୁଷ୍ଠାନ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଗଠନ କରିବା, ଝିଅମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେବା, ଜଳ ସଂରକ୍ଷଣ, ଜଙ୍ଗଲ ବଂଚାଅ ସଚେତନତା, ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ତଥା ଅନେକ ସାମାଜିକ କାର୍ଯ୍ୟକ୍ରମ କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନ ପାଇଁ ବଲାଙ୍ଗୀର ଜିଲ୍ଲା କରାଟେ ଅର୍ଗାନାଇଜେସନ କୁ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ସୁରକ୍ଷା ବିଭାଗ ଦ୍ୱାରା ଭୁବନେଶ୍ୱର ଠାରେ ପ୍ରକୃତି ମିତ୍ର ଆୱାର୍ଡ ପ୍ରଦାନ କରାଯାଇଥିଲା ।

କନ୍ଧମାଳରେ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ

କନ୍ଧମାଳ, ୦୭/୦୬ (ନି.ପ୍ର): ବିଜେଡିର ବରିଷ୍ଠ ନେତା ତଥା ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦିନିକିଆ କନ୍ଧମାଳ ଗସ୍ତରେ ଆସି ଫୁଲବାଣୀରେ ପହଂଚି ଥିଲେ । ଏହି ଅବସରରେ ତାଙ୍କୁ କନ୍ଧମାଳ ଜିଲ୍ଲା ଦାୟୀତ୍ୱରେ ଥିବା ପର୍ଯ୍ୟବେକ୍ଷକ ତଥା ବରିଷ୍ଠ ବିଜେଡି ନେତା ବିଜୟ ନାୟକ, କନ୍ଧମାଳ ସାଂସଦ ଡ଼ଃ. ଅଚ୍ୟୁତ ସାମନ୍ତ, ଜିଲ୍ଲା ସଭାପତି ସରୋଜ କର୍ଣ୍ଣ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଘୁ.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, କ. ନୂଆଗାଁର ବରିଷ୍ଠ ବିଜେଡି ନେତା, ସମାଜସେବୀ, ସଂଗଠକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ଛାତ୍ର ବିଜେଡି ସଭାପତି ସୁନୀଲ ସେଠି, ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ କହଁର, ମହିଳା ବିଜେଡି ସଭାନେତ୍ରୀ ପୁନମ କହଁର, ରାଜ୍ୟ ମହିଳା ଉପସଭାପତି ସୁଶ୍ରୀ ଅନିମା କହଁର, ଶିବ ପ୍ରସାଦ ତ୍ରିପାଠୀ, ମହମ୍ମଦ ୟାସୀନଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ତୃଣମୂଳ ସ୍ତରରେ ବିଜେଡିର ସଂଗଠନ ଯେପରି ମଜଭୁତ ହୋଇପାରିବ ଆଉ ଅଧିକରୁ ଅଧିକ ନୂତନ କର୍ମୀଙ୍କୁ ଦଳରେ ସାମିଲ କରିବା ପାଇଁ ସାଙ୍ଗଠନିକ ସମ୍ପାଦକ ଶ୍ରୀ ଦାଶ ପରାମର୍ଶ ଦେଇଥିଲେ । ଆଗାମୀ ସାଧାରଣ ନିର୍ବାଚନରେ ଦଳ ଯେପରି ପୂର୍ବାପେକ୍ଷା ଅଧିକ ବ୍ୟବଧାନରେ ବିଜୟ ଲାଭ କରିବ ସେଥିପ୍ରତି ସମସ୍ତ ନିର୍ବାଚନ ମଣ୍ଡଳୀର ନେତା ଓ କର୍ମୀ ମାନେ ଏକଜୁଟ ହୋଇ ନିଷ୍ଠା ଓ ଆନ୍ତରିକତାର ସହ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଥିଲେ । ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଏହି ଗସ୍ତ ନିଶ୍ଚିତ ଭାବେ ଦଳିୟକର୍ମୀ ଓ ନେତାଙ୍କ ମନୋବଳ ବୃଦ୍ଧ

ଶିକ୍ଷା, ଆମର ନିରନ୍ତର....

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ସହରାଞ୍ଚଳରେ ବାସ କରୁଥିବା ପିଲାମାନଙ୍କର ଶିକ୍ଷା କ୍ଷେତ୍ରରେ ଯୋଗଦାନ ଅତ୍ୟନ୍ତ ନଗଣ୍ୟ। ସାର୍ବଜନୀନ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଫଳପ୍ରଦ ହେବା ପାଇଁ ଶିକ୍ଷା କ୍ଷେତ୍ରରେ ବାଧ୍ୟତାମୂଳକ ପ୍ରବେଶ ପ୍ରାଧାନ୍ୟ । ଆହୁରି ମଧ୍ୟ ଜଣାଯାଏ ଯେ, ସହରାଞ୍ଚଳର ଶିକ୍ଷାର୍ଥୀମାନେ ଗ୍ରାମୀଣ ଶିକ୍ଷାର୍ଥୀଙ୍କ ତୁଳନାରେ ଅନେକାଂଶରେ ଭଲ ପ୍ରଦର୍ଶନ କରୁଛନ୍ତି । ସରକାରୀ ତୁଳନାରେ ଘରୋଇ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ସାମାନ୍ୟ ଭଲ ପ୍ରଦର୍ଶନ କରନ୍ତି। ଅନୁସୂଚିତ ଜାତି ଓ ଜନଜାତିଙ୍କ ଅପେକ୍ଷା ସାଧାରଣ ଓ ଅନ୍ୟ ପଛୁଆ ବର୍ଗର ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରନ୍ତି । ଏପରି ପରିସଂଖ୍ୟାନ ଅଧ୍ୟୟନର ସମାନତାକୁ ଧ୍ୟାନ ଦେବାରେ ଗୁରୁତର ସମସ୍ୟା ଦେଇଥାଏ । ସମାଜରେ ଇତିହାସ ଅନୁଯାୟୀ କ୍ଷତିଗ୍ରସ୍ତ ବର୍ଗ ଏବଂ ପ୍ରଥମ ପିଢ଼ିର ଅଧ୍ୟୟନକାରୀଙ୍କର ଶିକ୍ଷାଗ୍ରହଣ ସାମର୍ଥ୍ୟ ଅତି କମ୍ ହୋଇଥାଏ ।

ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶର ଆଧାର ଜ୍ଞାନ ଯେହେତୁ ପିଲାମାନଙ୍କ ମଧ୍ୟେ ପିଲାଦିନରୁ ହିଁ ଯଦି ଜ୍ଞାନ ପ୍ରତି ଆଗ୍ରହ ଜନ୍ମାଇ ଦିଆଯାଏ ତେବେ ଯୌବନ କାଳରେ ସେମାନେ ଜୀବନର ସର୍ବାହ୍ୱାନକୁ ଅତି କୁଶଳତାର ସହ ସାମ୍ନା କରିପାରିବେ । ଶିକ୍ଷା ହେଉଛି ଏକ ଦ୍ୱାର ଯାହା କିଛି ନୂଆ କରିବା, ଆବିଷ୍କାର କରିବା, ଉଦ୍ଭାବନ କରିବା, ଏକ ନୂତନ ଜଗତ ସୃଷ୍ଟି କରିବା । ସଂପୂର୍ଣ୍ଣ ସାକ୍ଷରତା ହେଉଛି ଆମ ଦେଶର ସ୍ୱପ୍ନ ଏବଂ ଆମର ନିରନ୍ତର ପରିଶ୍ରମ ଦ୍ୱାରା ଏହାକୁ ହାସଲ କରିହେବ । ନିମ୍ନମାନର ଶିକ୍ଷା କୁଶିକ୍ଷଣ ପ୍ରଦାନ କରେ ଯାହା ଚିନ୍ତାର ବିଷୟ; ଅନୁପଯୁକ୍ତ ପାଠ୍ୟକ୍ରମ, ପ୍ରଶିକ୍ଷଣ ପ୍ରାପ୍ତ ଶିକ୍ଷକର ଅଭାବ, ଅପ୍ରଭାବନୀୟ ଶିକ୍ଷଣୀୟ ପଦ୍ଧତି ପ୍ରାକ୍-ବିଦ୍ୟାଳୟ ଶିକ୍ଷା ସମ୍ବନ୍ଧରେ ଏକ ପ୍ରମୁଖ ସମସ୍ୟା ରୂପେ ଦଣ୍ଡାୟମାନ । ଛାତ୍ର ଶିକ୍ଷଣର ଅତୃପ୍ତକର ସ୍ତର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ବଡ଼ ସମସ୍ୟା । ଏଲାଗି ସ୍ୱୀକୃତ ଗୁଣ ଓ ମାନନୁସରଣ କରୁନଥିବା ଅନେକ ବିଦ୍ୟାଳୟର ଉପସ୍ଥିତି, ଛାତ୍ର ଓ ଶିକ୍ଷକ ମାନଙ୍କର ଅନୁପସ୍ଥିତି, ଶିକ୍ଷକଙ୍କ ପ୍ରେରଣା ଓ ପ୍ରଶିକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଯାହା ଫଳତଃ ଶିକ୍ଷକଙ୍କ ଗୁଣବତ୍ତା ଓ ଦକ୍ଷତାରେ ଅକ୍ଷମତା ଦୃଷ୍ଟିଗୋଚର, ସୂଚନା ଆଉ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ଟେକନୋଲୋଜିର ବ୍ୟବହାରରେ ଧୀର ପ୍ରଗତି, ଅନୁଚ୍ଚ ମାନର ପରିଚାଳନା ବ୍ୟବସ୍ଥା, ଦକ୍ଷତାର ପରିଚାଳନାରେ ଉପଯୁକ୍ତ ଧ୍ୟାନ ନଦେବା ଆଦି ଦାୟୀ । ଛତୁ ଭଳି ଫୁଟି ଉଠୁଥିବା ବେସରକାରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକ ମଧ୍ୟରୁ ଅନେକାଂଶ ଉତ୍ତମ ଗୁଣବତ୍ତାର ନୁହଁନ୍ତି । ଶିକ୍ଷାନୁଷ୍ଠାନରେ ଆବଶ୍ୟକତା ଅନୁଯାୟୀ ଯଥେଷ୍ଟ ସଂଖ୍ୟକ ଦକ୍ଷତା ସମ୍ପନ୍ନ ଓ ତାଲିମ୍ ପ୍ରାପ୍ତ ଶିକ୍ଷକଙ୍କର ଅଭାବ ଦୃଶ୍ୟମାନ ।

କିଛି ଲୋକଙ୍କ ହୀନଚିନ୍ତନ ଫଳତଃ ଅନେକ ଝିଅଙ୍କୁ ବିଦ୍ୟାଳୟ ମନା; ପ୍ରାଥମିକ ବିଦ୍ୟାଳୟ ପଢ଼ା ପରେ କିଚି ଝିଅ ପାଠପଢାରେ ଡୋରୀ ବାନ୍ଧୁଛନ୍ତି । ତେଣୁ ଏସବୁ ସମସ୍ୟା ବି ଶିକ୍ଷା କ୍ଷେତ୍ରରେ ଅପୂରଣୀୟ କ୍ଷତି; ଏଭଳି ଚିନ୍ତନ ଚିନ୍ତନକାରୀଙ୍କ ମନରୁ ଦୂରୀଭୂତ କରିବା ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ । ଯେଉଁ ବିଦ୍ୟାର୍ଥୀମାନେ ବିଦ୍ୟାଳୟରେ ନାମ ଲେଖାଉଛନ୍ତି ତାଙ୍କର ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତିକୁ ସ୍ଥିର ନିଶ୍ଚିତ କରିବା ବର୍ତ୍ତମାନ ପରିସ୍ଥିତିରେ ଜରୁରୀ । କିଛିମାତ୍ରାରେ ଦୃଶ୍ୟମାନ ଯେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତି, ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟକୁ ସରକାରୀ ଅନୁଦାନରେ ବିଲୟ, ଶାସକୀୟ ଅପାରଗତା; କାର୍ଯ୍ୟକ୍ରମର ଫଳପ୍ରଦ ସଂଯୋଜନା ଓ ରୂପାୟନ କରିବାରେ ବାଧକ ଯାହା ମୁଖ୍ୟ ପ୍ରସଙ୍ଗ ଅଧୁନା । ବର୍ତ୍ତମାନ ଘରୋଇ ବିଦ୍ୟାଳୟ ଗୁଡ଼ିକରେ ନାମଲେଖା ଲାଗି ଯେଉଁଭଳି ଭାବରେ ଶୁଳ୍କ ଆଦାୟ ହେଉଛି, ତହିଁରୁ ଜ୍ଞାତ ଯେ ଉଭୟ ବିଦ୍ୟାଳୟ ଓ ଉଚ୍ଚତର ଶିକ୍ଷା କ୍ଷେତ୍ରେ ବ୍ୟବସାୟୀକରଣ ହେଉଅଛି । ଶିକ୍ଷା ଆମର ନିରନ୍ତର ଅଧିକାର, ଶିକ୍ଷା ବିନା ଜୀବନର ମାନେ କିଛି ନାହିଁ । ଭାରତକୁ ସମୃଦ୍ଧଶାଳୀ କରିବାକୁ ହେଲେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେବ । 'ଆଜିର ଶିସୁ କାଲିର ଭବିଷ୍ୟ' ସ୍ଲୋଗାନକୁ ସାକାର କରିବାକୁ ହେଲେ ଆମକୁ ସିକ୍ଷାର ବିକାଶ କରିବା ପାଇଁ ପଡ଼ିବ । ଏଥିଲାଗି ଛାତ୍ର ସମାଜ, ଶିକ୍ଷକ ସମାଜ, ଅଭିଭାବକ, ରାଜନୈତିକ ସ୍ତରରେ ମଧ୍ୟ ପୂର୍ଣ୍ଣ ପ୍ରୟାସ ଲୋଡ଼ା ।

+ ଭାଟପଡ଼ା, ନିରାକାରପୁର, କଣାସ, ପୁରୀ
ମୋ: ୮୯୧୭୪୮୦୫୩୬

ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭଦ୍ରକ, ୭/୦୬ (ନି.ପ୍ର): ଭଦ୍ରକ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ଭଦ୍ରକ ମହାବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ଗ୍ରୀଷ୍ମକାଳୀନ କ୍ରିକେଟ ଶିବିର ଉଦଘାଟିତ ହୋଇଯାଇଛି। ଏହା ୭ ତାରିଖ ଆରମ୍ଭ ହୋଇଥିବା ବେଳେ, ୧୬ ତାରିଖ ଉଦଯାପିତ ହେବ। ଉକ୍ତ ପ୍ରଶିକ୍ଷଣ ଶିବିର ଅଭିଜ୍ଞ ତଥା ରାଜ୍ୟ ଓ ବିଶ୍ୱବିଦ୍ୟାଳୟସ୍ତରରେ ନିଜ ଦକ୍ଷତା ପ୍ରତିପାଦନ କରିଥିବା କୋଚ ଅସିତ ଦାସ, କ୍ଷମାସାଗର ବଳ ସତ୍ୟକାମ ଭରଦ୍ୱାଜ, ଓସିଏ ମାନ୍ୟତାପ୍ରାପ୍ତ ମହିଳା କୋଚ ପ୍ରଜ୍ଞା ପାରମିତା ସାମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି। ଶିବିରରେ ବିଭିନ୍ନ ବ୍ଲକର ସ୍କୁଲରୁ ୫୦ରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ମାନେ ଯୋଗଦେଇଛନ୍ତି। ଉଦଘାଟନ ଉତ୍ସବରେ ଅତିଥି ଭାବେ ଜିଲ୍ଲା କ୍ରିକେଟ ଆସୋସିଏସର ସହ ସମ୍ପାଦକ ନୀଳମାଧବ ଦାସ, ଏକାଡେମୀର ସଦସ୍ୟ ବିଜୟ ମହାନ୍ତି, ଦେବବ୍ରତ ଜେନା, ସହିଦ ଖାନ, ଅଂଶୁମାନ ମହାନ୍ତି ଯୋଗ ଦେଇଥିବାବେଳେ, ଏକୋଡମୀ ମୁଖ୍ୟ ମନୋଜ ସାହୁ ଶିବିର ପରିଚାଳନା କରୁଛନ୍ତି

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ଆମ୍ବୁଲାନ୍ସରେ ନିଆଁ ଲଗାଇ....

ହେଲେ ଅଧା ବାଟରେ ସବୁ କିଛି ଓଲଟ ପାଲଟ ହୋଇଯାଇଛି। ବିକ୍ଷୋଭକାରୀମାନେ ଆମ୍ବୁଲାନ୍ସରେ ନିଆଁ ଲଗାଇ ଦେବାରୁ ଏଥିରେ ପୋଡ଼ି ହୋଇ ୮ ବର୍ଷୀୟ ତୋନସିଂ ହାଙ୍ଗସିଂ, ତାଙ୍କ ୪୫ ବର୍ଷୀୟ ମା' ମୀନା ହାଙ୍ଗସିଂ ଓ ୩୭ ବର୍ଷୀୟ ସମ୍ପର୍କୀୟ ଲୟଡ୍ରା ଲୌରେମ୍ବା ପ୍ରାଣ ହରାଇଛନ୍ତି। ଆସାମ ରାଇଫଲର ଜଣେ ବରିଷ୍ଠ ଅଫିସର ଏହି ଖବରକୁ ନିଶ୍ଚିତ କରିଛନ୍ତି। ଘଟଣା ପରେ ପୂରା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ତୋନସିଂ ହେଉଛନ୍ତି ଜଣେ ଆଦିବାସୀଙ୍କ ପୁଅ। ତାଙ୍କ ମା' ମୈତେି ସଂପ୍ରଦାୟର ହୋଇଥିବା ବେଳେ ଆସାମ ରାଇଫଲର ରିଲିଫ କ୍ୟାମ୍ପରେ ରହୁଥିଲେ। ଏହି କ୍ୟାମ୍ପଟି କାଙ୍ଗଚୁପ ଅଞ୍ଚଳରେ ରହିଛି। ଜୁନ ୪ ତାରିଖ ସନ୍ଧ୍ୟାରେ ଏଠାରେ ଗୁଳି ବିନିମୟ ହୋଇଥିଲା। ତୋନସିଂ କ୍ୟାମ୍ପରେ ଥିଲେ ମଧ୍ୟ ଗୁଳିମାଡ଼ର ଶିକାର ହୋଇଥିଲେ। ଆସାମ ରାଇଫଲର ଜଣେ ଅଧିକାରୀ ତୁରନ୍ତ ଇମ୍ଫାଲ ପୁଲିସ୍ ସହ କଥା ହୋଇଥିଲେ ଓ ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ। ପିଲାଟିକୁ ଇମ୍ଫାଲର ରିଜନାଲ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସକୁ ନେବାକୁ ନିଷ୍ପତ୍ତି ହୋଇଥିଲା। କ୍ୟାମ୍ପ ଠାରୁ କିଛି ବାଟ ଆମ୍ବୁଲାନ୍ସକୁ ଆସାମ ରାଇଫଲ୍ସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଛି। ଏହାପରେ ସ୍ଥାନୀୟ ପୁଲିସ୍ ଏସର୍କଟ କରି ଏହାକୁ ଆଗକୁ ନେଇଥିଲା। ତେବେ ସନ୍ଧ୍ୟା ପ୍ରାୟ ୬.୩୦ରେ ଇରୋଇସେମ୍ବା ଠାରେ କିଛି ଲୋକ ଆମ୍ବୁଲାନ୍ସକୁ ଘେରି ଯିବା ସହ ଏଥିରେ ନିଆଁ ଲଗାଇ ଦେଇଥିଲେ। ଗାଡ଼ିରେ ଥିବା ସମସ୍ତ ୩ ଜଣ ଏଥିରେ ପୋଡ଼ି ହୋଇ ପ୍ରାଣ ହରାଇଛନ୍ତି। ତେବେ ସେମାନଙ୍କ ମୃତଦେହ ପୁଲିସ୍ ପାଇନି।

ବଢ଼ିଲା ଧାନ....

୨୦୨୧-୨୨ରେ ଧାନର ସର୍ବନିମ୍ନ ସହାୟତ ମୂଲ୍ୟ ୨୦୪୦ଟଙ୍କା ରହିଥିଲେ । ଏହାକୁ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର । ସାଧାରଣ ଧାନ କ୍ୱିଣ୍ଟାଲ ପିଛା ୧୪୩ ଟଙ୍କା ବୃଦ୍ଧି କରିବା ପରେ ଏହା ୨,୧୮୩ ଟଙ୍କାରେ ପହଞ୍ଚିଛି । ସେହିପରି ସେହିପରି ଗ୍ରେଡ୍-ଇ ଧାନ ୨୦୬୦ ଟଙ୍କାରୁ ବୃଦ୍ଧି ପାଇ ୨୨୦୩ଟଙ୍କାରେ ପହଞ୍ଚିଛି ।ସୂର୍ଯ୍ୟମୁଖୀର ଏମଏସପି ମଧ୍ୟ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର । ସୂର୍ଯ୍ୟମୁଖୀର କ୍ୱିଣ୍ଟାଲ ପିଛା ୩୬୦ ଟଙ୍କା ବୃଦ୍ଧି ପାଇଛି । ପୂର୍ବରୁ କ୍ୱିଣ୍ଟାଲ ପିଛା ୬, ୪୦୦ ଟଙ୍କା ରହିଥିଲା । କ୍ୟାବିନେଟ୍ ମୋହର ବାଜିବା ପରେ ସୂର୍ଯ୍ୟମୁଖୀର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୬,୭୬୦ଟଙ୍କାରେ ପହଞ୍ଚିଛି । ସେହିପରି ମଧ୍ୟମ ଧରଣ କପାର ସର୍ବନିମ୍ନ ସହାୟକ ମୂଲ୍ୟ ୬,୦୮୦ ଟଙ୍କାରୁ ବୃଦ୍ଧି ପାଇ ୬,୬୨୦ ଟଙ୍କାରେ ପହଞ୍ଚିଛି । ଲଙ୍ଗ ସ୍ଟାପଲ କପାର ଏମଏସପି ୬,୩୮୦ ଟଙ୍କାରୁ ୭, ୦୨୦ ଟଙ୍କାରେ ପହଞ୍ଚିଛି ।

ଆକ୍ସିସ ବ୍ୟାଙ୍କର ନୂତନ ଶାଖା ଉଦଘାଟିତ

ବାଲେଶ୍ୱର, ୭/୦୬ (ନି.ପ୍ର): ଆକ୍ସିସ ବ୍ୟାଙ୍କର ନୂତନ ଶାଖା ସହରର ସୁନହଟ ଦେଓ୍ୱାନପାଟଣା ଛକଠାରେ ଉଦଘାଟିତ ହୋଇଯାଇଛି। ବାଲେଶ୍ୱର ଉପ-ଜିଲାପାଳ କୁନାଲ ମୋତିରାମ ଚୌହାନ ଏହି ଶାଖା କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅଞ୍ଚଳବାସୀଙ୍କ ସେବା ଜିଲାର ବିଭିନ୍ନ ଅଞ୍ଚଳରେ ଖୋଲୁଥିବା ଯେ କୌଣସି ବ୍ୟାଙ୍କକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଉପ-ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଆକ୍ସିସ ବ୍ୟାଙ୍କର ଓଡ଼ିଶା କ୍ଲଷ୍ଟର ମୁଖ୍ୟ ପ୍ରଶାନ୍ତ ମିଶ୍ର ଏଥିରେ ଯୋଗଦେଇ ବ୍ୟାଙ୍କ ସେବା କ୍ଷେତ୍ରରେ ଆକ୍ସିସ ବ୍ୟାଙ୍କର ଏହି ନୂତନ ଶାଖା ବାଲେଶ୍ୱର ସହରବାସୀଙ୍କ ଆବଶ୍ୟକତା ପୂରଣରେ ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ।

ହାତୀ ଉପଦ୍ରବ ଲୋକ ହନ୍ତସନ୍ତ : ଏକ ମୃତ

ଖୋରଧା , ୭/୦୬ (ନି.ପ୍ର): ଗୋଡ଼ଘସା, ମାଟି ମୁଣ୍ଡିଆ ଓ ହନୁମନ୍ତିଆ ପାହାଡ଼ ନିକଟ ଦଲକଗ୍ରାମର ଦେବରାଜ ହରିଚନ୍ଦନ ନାମକ ଜଣେ ଲୋକ, ସକାଳୁ ନିତକର୍ମ ପାଇଁ ଗ୍ରାମ ପୋଖରୀକୁ ଜିବା ସମୟେ ଏକ ଦନ୍ତା ହାତୀ ହାବୁଡରେ ପଡ଼ିବାରୁ ହାତୀ ତାକୁ ଦଳି ଚକଟି ମାରୀ ଦେଇଥିଲା। ଏହିଖବର ବିଦ୍ୟୁତ୍ ବେଗରେ ପ୍ରଚାରିତ ହେବାରୁ ଚାରିଆଡ଼େ ଭୟର ବାତା ବାରଣ ଖେଳି ଯାଇଥିଲା।ଖବର ପାଇ ଖୋର୍ଦ୍ଧା ବନ ବିଭାଗ ଖୋର୍ଦ୍ଧା ରେଞ୍ଜର ଶ୍ରୀଯୁକ୍ତ ପଣ୍ଡା, ଫରେଷ୍ଟର ସାଧୁ ଚରଣ ମହାନ୍ତି, ,ତୁରନ୍ତ ନିଜ କର୍ମଚାରୀ ସହ ପହଞ୍ଚି ଥିଲେ। ଗତ ରାତିରୁ ଖୋର୍ଦ୍ଧା ରେଞ୍ଜ ଫରେଷ୍ଟର ସାଧୁ ଚରଣ ମହାନ୍ତି ନିଜ ହାତୀ ଏହି ପାହାଡ ତଳେ ଅଛି ଖବର ପାଇ ରାତିରେ ଯାଇ ଫେରିଥିଲେ। ପ୍ରକାଶ ଥାଉକି ଗତ କାଲି ଦିନରେ କାଇପଦର ଗ୍ରାମର ଚାଷୀ ଶ୍ରୀଯୁକ୍ତ ରବୀନ୍ଦ୍ର ମଙ୍ଗରାଜ ପିତା ସ୍ୱର୍ଗତ ଅପର୍ତି ମଙ୍ଗରାଜ ଯାହା ଜଙ୍ଗଲ ବଡ଼ ବଗିଚା, ଏକର ଓ ଜଙ୍ଗଲ ଜମି ବହୁ ଏକର ହାତୀ ଯୋଗୁ ନଷ୍ଟ ବଷ୍ଟ ,ହୋଇ ପଡ଼ିଛି। ଏହି ବ୍ତାନ୍ତୀ ବର୍ତମାନ ଅନୂତପ୍ତ। ୮ ମାସ ତଳେ ତାଙ୍କର ୩ ଟି ଶାଗୁଆନ ଗଛ ୫ ଫୁଟ ଗୋଲେଇ ଜଙ୍ଗଲ ବିଭାଗ ପରୀମିସନ୍ ପାଇ କାଟି ଆଣି ପାରୁ ନାହାଁନ୍ତି ହାତୀ ଯୋଗୁ ଗାଡି ବାଲା ରାଜି ହେଉନାହାଁନ୍ତି।ଖୋର୍ଦ୍ଧା ସଅ ମିଲିକୁ ଆଣିବା ପାଇଁ। କେବଳ ହାତୀ ଏହି ଯାଗାରେ ଘର୍ କରି ପୁରା ରହିଛନ୍ତି। ପାଣି ସୁବିଧା ହନୁମନ୍ତିଆ ବନ୍ଦ ଯୋଗୁ। ଖୋର୍ଦ୍ଧା ଡି, ଏଫ,ଓ ଆଦେଶ ନାମା ୩୧୧୮ତାରିଖ ୨୯.୫.୨୦୨୩ ଅନୁଯାଇ ଗତ କାଲି ୫.୬.୦୨୩ଶ୍ରୀଯୁକ୍ତ ରବିନ୍ଦ୍ର ମଙ୍ଗରାଜ ତାଙ୍କ କିଛି ଶ୍ରମିକ ଓ ମେସିନ ଓ ଗାଡି ନେଇ ରାସ୍ତା ସଫା କରି ଶାଗୁଆନ ୨୪ ଖଣ୍ଡ ଆଣିବା ପାଇଁ ଯାଇ ଥିଲେ।ମାତ୍ର ଏହି ହାତୀ ଠିକ ଦିନ ୨ ଟା ବେଳେ ଆସି ପହଞ୍ଚି ଯିବାରୁ ଜୀବନ ବିକଳ ରେ ସମସ୍ତେ ଗାଡ଼ି ସହ କାଠ ନ ଆଣି ପଳାଇ ଆସିଲେ। ଏହି ବିଷୟ ଖୋର୍ଦ୍ଧା ରେଞ୍ଜର ଶ୍ରୀଯୁକ୍ତ ପଣ୍ଡା, ଫରେଷ୍ଟର ସାଧୁ ମହାନ୍ତି ଆଦି, ବନ ବିଭାଗ କର୍ମ ଚାରୀଙ୍କୁ ଜଣାଇ ଥିଲେ। ଏହି ଖବର ପାଇ ସାଧୁ ବାବୁ ଦକ୍ଷ ଜଙ୍ଗଲ ଅଧିକାରୀ ରାତିରେ ଡେରା ପକାଇ ସତ୍ୟା ସତ ଜାଣିବାକୁ ଯାଇ ଥିଲେ ମଧ୍ୟ ଜଣେ ଦଲକ ପ୍ରଭା ଶାଳୀଲୋକ ମୃର୍ତ୍ତୁ ଘଟିଲା। ସ୍ଥାନୀୟ ବାସି ଭୟ ଭିତର ଦିନ କାଟୁଛନ୍ତି। ମାତ୍ର ଜଙ୍ଗଲ ବିଭାଗ ହାତୀ ଆଗରେ କଣ୍।ଖୋର୍ଦ୍ଧା ମୃଖ୍ୟ ବନ ଅଧିକାରୀଣୀ ମାଡ଼ାମ ପଣ୍ଡିଆନ ଆଇ, ଏଫ, ଏସ, ଏହି ଯାଗାରେ ଏକ (ମାଟି ମୁଣ୍ଡିଆ, ଗୋଡ଼ ଘଷା, ରବି ମଙ୍ଗରାଜ ଜଙ୍ଗଲ ବଗିଚା) ଜଙ୍ଗଲ ନିକଟରେ ଏକ ସବୁଦିନିଆ କାମ୍ପ କରି ଲୋକ ଓ ଚାଷିକୁ ସାହଯ୍ୟ କରନ୍ତୁ। ଖୋର୍ଦ୍ଧା ବ୍ଲକ ଅଧକ୍ଷା ଶ୍ରୀମତୀ ଶ୍ରୀମୟୀ ପ୍ରିୟଦର୍ଶିନି ଓ ଖୋର୍ଦ୍ଧା ଜିଲ୍ଲା ବିଜେଡ଼ି ଉପ ସଭା ପତି, ଶ୍ରୀଯୁକ୍ତ ରାଜକିଶୋର ପାତ୍ର ଦୃଢ଼ ଦାବୀ କରୁଛନ୍ତି।ଖୋର୍ଦ୍ଧା ଜଙ୍ଗଲ ଡିଭିଜନ ଲୋକଙ୍କୁ ଶୁରେଖା ଦିଅନ୍ତୁ। ବହୁ କ୍ଷତି ହେଉ ଥିବା ଚାଷୀ ମାନଙ୍କୁ ଓ ବହୁ ଲକ୍ଷ୍ୟ ମୂଲ୍ୟ ବାନ ଶାଗୁଆନ କାଠ ରବୀନ୍ଦ୍ର ମଙ୍ଗରାଜ କିପରୀ ଆଣିବେ ସାହଯ୍ୟ କରନ୍ତୁ ଅନୁରୋଧ କରିଛନ୍ତି। ମୃତ ହରିଚନ୍ଦନ ଦଲକକୁ ଉପକୁକ୍ତ କ୍ଷତି ପୁରଣ ଦିଅନ୍ତୁ।ଖୋର୍ଦ୍ଧା ବ୍ଲକ୍‌ରୁ ହାତୀ ଯେପରି ଚନ୍ଦକା ଅଭ୍ୟାୟ ଅରଣ୍ୟକୁ ଯିବେ ଚେଷ୍ଟା କରନ୍ତୁ। ନୋହିଲେ ବ୍ଲକ୍ ବାସୀ ଆନ୍ଦୋଳନ କରିବେ। ଏହି ବିଷୟ ଖୋର୍ଦ୍ଧା ଜିଲ୍ଲା ପାଳ କେ, ସୁଦର୍ଶନ ଓ ଖୋର୍ଦ୍ଧା ପୋଲିସ୍ ଆରକ୍ଷୀ କଟାରିଆ,ଓ ଡି ଏଫ, ଓ, ଖୋର୍ଦ୍ଧା ମହାଶୟ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

ନିଶାମୁକ୍ତ ହେବ ବାଥୁଡ଼ି ସମାଜ : ଶତ୍ରୁଘନ ବିଶ୍ୱାଳ

ଉଦଳା, ୭/୦୬ (ନି.ପ୍ର): ବାଥୁଡ଼ି ସାଂସ୍କୃତିକ ସମାଜ ଉଦଳା ଶାଖାର ନୂତନ କମିଟି ଗଠନ ଗତ ମେ ମାସ ୩୧ ତାରିଖ ବୁଧବାର ଦିନ ସ୍ଥାନୀୟ ପୁର୍ତ ବିଭାଗ ଡ଼ାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ପୁର୍ବତନ ସଭାପତି ଦିବାକର ପରିଆଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପର୍ବରେ ଶତ୍ରୁଘନ ବିଶ୍ୱାଳ ସଭାପତି, ବିଜୟ ରାଉତ ଉପସଭାପତି, ସୂର୍ଯ୍ୟମଣୀ ଡ଼ାକୁଆ ସଂପାଦକ, ପ୍ରଦିନ ବିଶ୍ୱାଳ ସହସଂପାଦକ, ଚନ୍ଦନ ନାୟକ କୋଷାଧକ୍ଷ, ଜଳଧର ଖଟୁଆ ସହକୋଷାଧକ୍ଷ ଭାବରେ ସର୍ବସମ୍ମତି କ୍ରମେ ମନୋନିତ ହୋଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ବରିଷ୍ଠ ସଦସ୍ୟ ବିଜୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୦୨୪ ଫେବୃଆରୀ ମାସରେ ବାଥୁଡ଼ି ସଂସ୍କୃତିକ ସମାଜ ଉଦଳା ଶାଖାର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଉକ୍ତ ବୈଠକରେ ନିଷ୍ପତି ହୋଇଛି । ଶେଷରେ ସଭାପତି ଶତ୍ରୁଘନ ବିଶ୍ୱାଳ ନିଶାଦ୍ରବ୍ୟ ସେବନ ଆମ ବାଥୁଡ଼ି ସମାଜକୁ ତଳିତଳାନ୍ତ କରିଦେଲାଣି, ତେଣୁ ନିଶାମୁକ୍ତ ବାଥୁଡ଼ି ସମାଜ ଗଠନ ଆମର ପ୍ରଥମ କର୍ତବ୍ୟ ହେବ ବୋଲି ଗଣମାଧମକୁ ଜଣାଇଛନ୍ତି।

ଶିମିଳିପାଳ ସୁରକ୍ଷା ପାଇଁ ଭଞ୍ଜସେନାର ସଚେତନତା ପଦଯାତ୍ରା: ୧୦ଜୁନ ପରିବର୍ତ୍ତେ ୧୨ଜୁନରେ ସମାପ୍ତ ହେବ

ବାରିପଦା , ୭/୦୬ (ନି.ପ୍ର): ଶିମିଳିପାଳ ସୁରକ୍ଷା ପ୍ରସଙ୍ଗରେ ପଞ୍ଚମ ଦିନର ସଚେତନତା ପଦଯାତ୍ରା ଆଜି ସଖାଲୁ ପ୍ରଥମେ ରାଇରଙ୍ଗପୁର ସହରରେ ମୁର୍ମୁ ଛକ ଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ରାଇରଙ୍ଗପୁରରୁ ବିଶୋଇ ଅଭିମୁଖେ ପଦଯାତ୍ରୀ ମାନେ ଯାତ୍ରା କରିଥିଲେ. ରାସ୍ତାରେ ବିଭିନ୍ନ ଜାଗାରେ ସ୍ଥାନୀୟ ଜନସାଧାରଣ ପଦଯାତ୍ରୀ ଗଣଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଆଜି ବିଶୋଇ ରେ ପହଞ୍ଚି ରାତ୍ରିଯାପନ କରିଛନ୍ତି। ପୂର୍ବ ଘୋଷଣା ମୁତାବକ ୨ଜୁନରେ ଠାକୁରମୁଣ୍ଡାରୁ ଆରମ୍ଭ

ଗୁରୁବାର, ଜୁନ୍ ୦୮, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବିଦ୍ୟାଳୟ-ଗଣଶିକ୍ଷା ବିଭାଗ ପକ୍ଷରୁ ଜି-୨୦ ଜନ ଭାଗିଦାରୀ କାର୍ଯ୍ୟକ୍ରମ

ବାଲେଶ୍ୱର, ୭/୦୬ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ସମ୍ପ୍ରତି ବାଲେଶ୍ୱର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ଜି-୨୦ ଜନ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏହି କାର୍ଯ୍ୟକ୍ରମରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ନୈତିକ ଶିକ୍ଷା, ପିଲାମାନଙ୍କ ପ୍ରତି ପିତାମାତାର କର୍ତ୍ତବ୍ୟ ଓ ଭୂମିକା ଆଦି ବିଷୟରେ ଆଲୋଚନା କରାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ବିଷ୍ଣୁ ଚରଣ ସୂତାର, ଶିକ୍ଷା ସଂଯୋଜିକା ବାଣୀବନ୍ଦନା ନାୟକ, ମିଡ଼ିଆ ସଂଯୋଜକ ନିରଞ୍ଜନ ବିଶ୍ୱାଳ, କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ରଘୁନାଥ ପଣ୍ଡା ପ୍ରମୁଖ ଉତ୍ତମ ମୌଳିକ ଶିକ୍ଷାଦାନ ଓ ଏହାର ଆବଶ୍ୟକ ଅନୁକୂଳ ଶୈକ୍ଷିକ ପରିବେଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏଥିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ । ଆସନ୍ତା ୯ ତାରିଖରେ ଜିଲାର ସମସ୍ତ କ୍ଲଷ୍ଟରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଶିଳ୍ପ ପାର୍କ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବିଶେଷଜ୍ଞ କମିଟି ସଭା ଅନୁଷ୍ଠିତ

ଭଦ୍ରକ , ୭/୦୬ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଶିଳ୍ପ ପାର୍କ ପ୍ରକଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଏକ ବିଶେଷଜ୍ଞ କମିଟିର ସଭା ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶାନ୍ତନୁ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶ୍ରୀ କାର୍ତ୍ତିକନାଥ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ପ୍ରାକ୍ତନ ପ୍ରାଧ୍ୟାପକ ଶ୍ରୀ ହରେକୃଷ୍ଣ ନାୟକ, ସହାୟକ ପ୍ରଫେସର ଶ୍ରୀ ବଳରାମ ମିଶ୍ର, ଶିଳ୍ପପାର୍କର ଆର୍ଥିକ, ସାମାଜିକ, ପାରିବେଶିକ ଦିଗ ଉପରେ ନିଜର ମତ ଓ ମନ୍ତବ୍ୟ ରଖିଥିଲେ । କଇଥଖୋଲା ସରପଞ୍ଚଙ୍କ ପ୍ରତିନିଧି ଶ୍ରୀ ବଇରି ରଂଜନ ସାମଲ ପ୍ରଭାବିତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ସରବରାହ ସମ୍ବନ୍ଧୀୟ ଉନ୍ନତୀକରଣ, ଭୂମିହରାଙ୍କ ପାଇଁ ରୋଜଗାର ସୁନିଶ୍ଚିତ କରିବା ପାଇଁ ନିଜର ମତ ରଖିଥିଲେ । ସ୍ଥାନୀୟ ଅଞ୍ଚଳରେ ଉପୁଜୁଥିବା ଜଳସଙ୍କଟ ଉପରେ ଆଲୋକପାତ କରିବାର ଉତ୍ତରରେ ଅତିରିକ୍ତ ଜିଲ୍ଲାପାଳ ଯଥାଶୀଘ୍ର ସମାଧାନ କରିବାର ପ୍ରତିଶ୍ରୁତି ରଖିଥିଲେ । ଜାଗୁଳା ସରପଞ୍ଚ ଶ୍ରୀ ସୁରେଶ ସେଠୀ, କୌଶଳ ବିକାଶ ଇତ୍ୟାଦି ଉପରେ ନିଜର ମତ ପ୍ରକାଶ କରିଥିଲେ । ଜିଲ୍ଲା ନିବେଶ ଉନ୍ନତିକରଣ ଏଜେନ୍‌ସି ତରଫରୁ ସୁବ୍ରତ କୁମାର ସ୍ୱାଇଁ ଏବଂ ଓଷ୍କା ତରଫରୁ ଶଶିଭୂଷଣ ବେହେରା ଶିଳ୍ପ ପାର୍କ ଯୋଗୁଁ ହେବାକୁ ଥିବା ଆନୁସଙ୍ଗିକ ଉଦ୍ୟୋଗ, ସ୍ୱ-ରୋଜଗାର ଏବଂ ଅନ୍ୟାନ୍ୟ ଲାଭ ବିଷୟରେ ଜନପ୍ରତିନିଧି ମାନଙ୍କୁ ଅବଗତ କରାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାନ୍ତି ଭାରତର ଦ୍ରୁତ ଶିଳ୍ପାୟନ ଏବଂ ଏଥିରେ ଭଦ୍ରକ ଜିଲ୍ଲାର ସ୍ୱତନ୍ତ୍ର ଭୂମିକା ନେବ ବୋଲି ଆଶା ପ୍ରକାଶ କରିଥିଲେ । ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଶ୍ରୀ ମଣ୍ଡଳ

ସଭାରେ ଉପସ୍ଥିତ ଜନ ପ୍ରତିନିଧିଙ୍କ ବିଶେଷଜ୍ଞ କମିଟିର ସଦସ୍ୟଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିବା ସହ ପ୍ରସ୍ତାବିତ ଶିଳ୍ପପାର୍କ ଅଂଚଳରେ ଏକ ଜୋନ୍ ଅଫିସ୍ (ଆଂଚଳିକ କାର୍ଯ୍ୟାଳୟ) ପ୍ରତିଷ୍ଠା ସମ୍ବନ୍ଧରେ ସୂଚନା ଦେଇଥିଲେ । ପ୍ରସ୍ତାବିତ ଶିଳ୍ପପାର୍କ ଅଂଚଳରେ ଜଳ, ସ୍ଥଳ, ଆକାଶ ଏବଂ ରେଳପଥରେ ସଂଯୋଗ ଥିବାରୁ ଆଗାମୀ ଦିନରେ ଏହା କେବଳ ଓଡ଼ିଶା ନୁହେଁ ବରଂ ଭାରତର ଏକ ଉନ୍ନତ ଶିଳ୍ପ କେନ୍ଦ୍ରରେ ପରିଣତ ହେବବୋଲି ସାଧାରଣରେ ଗୃହୀତ ହୋଇଗଲା । ଏଦିଗରେ ସ୍ଥାନୀୟ ଜନସାଧାରଣଙ୍କ ଅହେତୁକ ସମର୍ଥନ ଥିବା ପ୍ରତିଫଳିତ ହୋଇଥିଲା । ଉକ୍ତ ସଭା ଉପବିଭାଗ ଅଧିକାରୀ ଶ୍ରୀ ରସିକ ମୋହନ ମହାନ୍ତି ରାଜସ୍ୱ ନିରୀକ୍ଷକ ଶ୍ରୀ ଶ୍ୟାମସୁନ୍ଦର ଜେନା ପରିଚାଳନା କରିଥିଲେ । ଶେଷରେ ସ୍ୱତନ୍ତ୍ର ଭୂଅର୍ଜନ ସେଲର ସହାଧୀନ ଜିଲ୍ଲାପାଳ ଶ୍ରୀ ସୁଧାଂଶୁ ମୋହନ ସ୍ୱାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ ।

ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ହେଲ୍ପଡେସ୍କ ଜରିଆରେ ସହାୟତା

ଭଦ୍ରକ , ୭/୦୬ (ନି.ପ୍ର): ବେଙ୍ଗାଲୁରୁ ହାଓଡ଼ା ସୁପରଫାଷ୍ଟ ରେଳ ଦୁର୍ଘଟଣାରେ ଆହତ ହୋଇଥିବା ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ତଥା ସେମାନଙ୍କ ସଂପର୍କୀୟ ମାନଙ୍କ ସହ ଯୋଗାଯୋଗର ମାଧ୍ୟମ ସାଜିଥିଲା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗତ ତା.୦୩.୦୬.୨୦୨୩ ରିଖ ଏବଂ ତା.୦୪.୦୬.୨୦୨୩ ରିଖରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ତରଫରୁ ୨୪ ଘଣ୍ଟିଆ ହେଲ୍ପ ଡେସ୍କ ଖୋଲାଯାଇଥିଲା । ଏହି ହେଲ୍ପ ଡେସ୍କରେ ସହାୟତା ପ୍ରଦାନ କରୁଥିବା ପାରାଲିଗାଲ ସ୍ୱେଚ୍ଛାସେବି, ଭଦ୍ରକ ଏବଂ ପ୍ୟାନେଲ ଓକିଲ, ଭଦ୍ରକ ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ସହଯୋଗ କ୍ରମେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ଆହତ (ରେଳ ଦୁର୍ଘଟଣାରେ) ଲୋକମାନଙ୍କୁ ସହଯୋଗର ହାତ ବଢ଼ାଇ ସେମାନଙ୍କୁ କିପରି ଶିଘ୍ର ସହାୟତା ଦିଆଯିବ ସେ ନେଇ ସମସ୍ତେ ତତ୍ପର ହୋଇ ଉଠିଥିଲେ । ସେମାନଙ୍କ ସଂପର୍କୀୟ ମାନଙ୍କ ସହ ଯୋଗାଯୋଗ କରି ଏହି ସଂକଟ ସମୟରେ ଆଶ୍ୱସନା ଦେବାସହ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପ୍ରତି ଭଦ୍ରକରେ କାର୍ଯ୍ୟରତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଅନ୍ୟାନ୍ୟ ଡାକ୍ତର ମାନଙ୍କ ସହ ସୁ-ଚିକିତ୍ସା ବ୍ୟବସ୍ଥା ପାଇଁ ମଧ୍ୟ ଆଲୋଚନା କରିଥିଲେ । ଅନ୍ୟପକ୍ଷରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଭଦ୍ରକରେ ଥିବା ରକ୍ତ ଭଣ୍ଡାର ଉପରେ ମଧ୍ୟ ଗୁରତ୍ୱ ଦିଆଯାଇଥିଲା ଏବଂ ଆବଶ୍ୟକ ହେଲେ ରକ୍ତ ଭଣ୍ଡାରରର ସୁ ବିନିଯୋଗ ପାଇଁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ଆହତମାନଙ୍କ ମାନସିକତାକୁ ଲକ୍ଷ କରି ହେଲ୍ପଡେସ୍କର ସ୍ୱେଚ୍ଛାସେବି, ପ୍ୟାନେଲ ଓକିଲ ସମସ୍ତେ ମିଶି ଆହତମାନଙ୍କୁ ଆଶ୍ୱାସନା ଦେଇଥିଲେ ଏବଂ ଭଦ୍ରକ ପ୍ରଶାସନ ଜାରି କରିଥିବା ହେଲ୍ପ ଲାଇନ୍ ନମ୍ବର ମାଧ୍ୟମରେ ଏମ୍.ସ. ହସ୍‌ପିଟାଲ ଭୁବନେଶ୍ୱରରେ ଜଣେ ମୃତ ବ୍ୟକ୍ତି ଯାହାର ନାମ ସପନ ବିଶ୍ୱାସ, ସିରିଏଲ ନମ୍ବର ୧୫୪ ଙ୍କୁ ଚିହ୍ନଟ କରିବାରେ ସଫଳ ହୋଇଥିଲେ ।

ଧନେଶ୍ୱର ପଣ୍ଡାଙ୍କ ଗଳ୍ପ ସଂକଳନ ସଫେଦ ହିସାବ ଫର୍ଦ୍ଦ ଉନ୍ମୋଚିତ

ବାରିପଦା , ୭/୦୬ (ନି.ପ୍ର): କଥାକାର ଧନେଶ୍ୱର ପଣ୍ଡାଙ୍କର ଲିଖିତ ଓଡ଼ିଆ ଗଳ୍ପ ସଂକଳନ ସଫେଦ ହିସାବ ଫର୍ଦ୍ଦର ଲୋକାର୍ପଣ ଉତ୍ସବ ବାରିପଦା ସ୍ଥିତ କଲ୍ୟାଣୀ ମହିଳା ସମିତି ସଭାକକ୍ଷ ଠାରେ ଆଶା ଦେବୀ ସ୍ମୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ଆଶିଷ କୁମାର ବଶାଙ୍କ ସ୍ୱାଗତ ସମ୍ଭାଷଣ ପରେ ପ୍ରଥମେ ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇ ଦିବଂଗତଙ୍କ ସଦଗତି ଓ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରିବା ପରେ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଏହି ସମାରୋହରେ ଭଞ୍ଜମାଟିର ବରିଷ୍ଠ, ସୁନାମଧନ୍ୟ ସାହିତ୍ୟିକ ବୃନ୍ଦାବନ ଦାଶ ପୌରୋହିତ୍ୟ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରାଧ୍ୟାପକ, ପ୍ରାବନ୍ଧିକ ମୋହିତ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ବରିଷ୍ଠ ସାହିତ୍ୟିକ ଡ଼ଃ ନୀଳକଣ୍ଠ ମିଶ୍ର, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଗାଳ୍ପିକ ଅଶୋକ କୁମାର ପଳେଇ ଏବଂ ପୁସ୍ତକର ସମୀକ୍ଷକ ରୂପେ ବିଶିଷ୍ଟ ପ୍ରାବନ୍ଧିକ ପ୍ରାଧ୍ୟାପକ ଡ଼ଃ ଅବନୀ କୁଣ୍ଡୁ ଏବଂ ପୁସ୍ତକର ପ୍ରଚ୍ଛଦ ଶିଳ୍ପୀ ଚାରୁଚନ୍ଦ୍ର ଦାସ ଓ ପୁସ୍ତକର ପ୍ରକାଶକ ଓ ମୁଦ୍ରାକର କମଲ ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଅତୀତର ଓଡ଼ିଆ ସାହିତ୍ୟ, ସାମ୍ପ୍ରତିକ ସାହିତ୍ୟ ଓ ତାର ସ୍ଥିତି ସମ୍ପର୍କ ରେ ଆଲୋଚନା କରିବା ସହ ଭାଷା ସୁରକ୍ଷା ପାଇଁ ପୁସ୍ତକ ପ୍ରକାଶନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସମାରୋହରେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନର କର୍ମକର୍ତ୍ତା, ସଦସ୍ୟ, ଗୁଣୀ, ସାହିତ୍ୟ ସାଧକ ଉପସ୍ଥିତ ରହି କଥାକାରଙ୍କୁ ପ୍ରୋତ୍ସାହିତ କରିଥିଲେ । ପରିଶେଷରେ ସଞ୍ଚାଳକ ଆଶିଷ କୁମାର ବସା ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚର ଦାବିକୁ ସମର୍ଥନ କଲେ ନୀଳଗିରି ବିଧାୟକ ଏବଂ ପୂର୍ବତନ ବିଧାୟକ

ନୀଳଗିରି , ୭/୦୬ (ନି.ପ୍ର): ରାଜ୍ୟ ସରକାର କାର୍ଯ୍ୟରତ ଅମଲାଙ୍କ ପ୍ରତି ବୈମାତୃକ ମନୋଭାବ ପାଇଁ ଆଜି ରାଜରାସ୍ତାରେ ଅମଲା ସଂଗଠନ । ରାଜ୍ୟସରକାରଙ୍କ କ୍ରମାଗତ ଉଦାସୀନତା ପ୍ରତିବାଦରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଜିଲ୍ଲାସ୍ତରୀୟ ଅମଲା ସଂଗଠନ ଜୁନ ୧ତାରିଖ ଠାରୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ସମୂହ ଛୁଟିରେ ଅଛନ୍ତି । ମିଳିତ ଅମଲାମଞ୍ଚ ର ଏକମାତ୍ର ପ୍ରମୁଖ ଦାବୀ ସରକାର ୨୦୧୭ ମସିହାରେ ଅମଲା ମାନଙ୍କ ପ୍ରବେଶିକା ଶିକ୍ଷ୍ୟାଗତ ଯୋଗ୍ୟତା ଅନୁସାରେ ଦରମା ସମୀକରଣ କରି ଦରମାହାର ଲେବୁଲ ୪ରୁ ଉନ୍ନୀତ କରି ଲେବୁଲ ୯କରିବା ସହିତ ଗ୍ରେଡ଼ ପେ ୧୯୦୦ଟଙ୍କାରୁ ୪୨୦୦କରିବା । ମାତ୍ର ରାଜ୍ୟସରକାର ଦୀର୍ଘବର୍ଷ ହେବ ଅମଲା ମାନଙ୍କ ବେତନରେ ଥିବା ଅସଙ୍ଗତିକୁ ଦୂରକରିବାରେ ଜାଣିଶୁଣି ଅଣଦେଖା ଓ ଅବହେଳା କରିଚାଲିଛନ୍ତି । ଏନେଇ ନୀଳଗିରି ରେ ଆନ୍ଦୋଳନରେ ବସିଥିବା ବିଭିନ୍ନ ବିଭାଗର ଅମଲା ମାନଙ୍କର ପେଟ ପାଟଣା ସହିତ ବିଭିନ୍ନବିଭାଗର ଜନହିତକର ଯୋଜନାରେ ତୃଣମୂଳ ସ୍ତରରେ ବ୍ୟାହତ ହେଉଥିବାରୁ ନୀଳଗିରି ର ଜନପ୍ରିୟ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଏବଂ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଧାରଣାରତ ଅମଲାଙ୍କଠାରେ ପହଞ୍ଚି ସେମାନଙ୍କୁ ସମର୍ଥନ ଜଣାଇଥିଲେ । ଦରକାର ପଡିଲେ ସରକାରଙ୍କ ଠାରେ ଦୃଢ ଦାବି କରିବେ ବୋଲି ଉଭୟ ଶ୍ରୀ ନାୟକ ଓ ଶ୍ରୀ ଷଡ଼ଙ୍ଗୀ ଜଣାଇଛନ୍ତି । ତେବେ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟସରକାର ସେମାନଙ୍କ ଦୁଃଖ ବୁଝିବେ ବୋଲି ଅମଲା ମଞ୍ଚ ଆଶା ପୋଷଣ କରିଛନ୍ତି ।

ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ

ବସ୍ତା, ୭/୦୬ (ନି.ପ୍ର): ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ସଦର ବ୍ଲକର ରସଲପୁର ପଞ୍ଚାୟତର ପ୍ରଶାନ୍ତ କୁମାର ନାୟକ,ହଳଦୀପଦା ପଞ୍ଚାୟତର ଝରଣା ଦାସ ଓ ବିଷ୍ଣୁପ୍ରିୟା ଦାସ ଏବଂ ବସ୍ତା ବ୍ଲକ ର ସାହାଡ଼ା ର ସନ୍ଦୀପ ଦାସ ଓ କାଳିଚରଣ ବରଙ୍କ ପରିବାରକୁ ବୁଧବାର ରାଜ୍ୟ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି ।ଏହି ପରିବାରକୁ ସରକାରଙ୍କ ତରଫରୁ ମିଳିଥିବା ୫ଲକ୍ଷ ଲେଖାଁଏ ଟଙ୍କା ଏବଂ ଜିଲ୍ଲା ରେଡକ୍ରସ ତରଫରୁ ୧୦ ହଜାର କରି ଟଙ୍କା ପ୍ରଦାନ କରାଯାଇଛି ।ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ, ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା,ସଦର ତହସିଲଦାର ନୀଲିପ୍ତା ମହାନ୍ତି ଓ ସଦର ବିଡିଓ ନରେନ୍ଦ୍ର ଖମାରୀ ଏବଂ ବସ୍ତା ତହସିଲଦାର ଅତନୁ ପ୍ରଧାନ,ରାଜସ୍ୱ ନିରୀକ୍ଷକ ଶମ୍ଭୁନାଥ ସିଂ ପ୍ରମୁଖ ଉ ପସ୍ଥିତ ରହି ମୃତକଙ୍କ ପରିବାର କୁ ଏହି ରାଶି ପ୍ରଦାନ କରିଥିଲେ ।

ଡ଼ଙ୍ଗା ବୁଡି ୨ ନିଖୋଜ

ମାଲକାନଗିରି, ୭/୦୬ (ନି.ପ୍ର): ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଣ୍ଡା ଘାଟିର ଅଣ୍ଡରାହାଲ ପଞ୍ଚାୟତ ସିନ୍ଦିଗୁଡା ଗ୍ରାମରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ନଦୀ ପାର ହେଉଥିବା ସମୟରେ ଡଙ୍ଗା ବୁଡି ୨ ଜଣ ନିଖୋଜ ହୋଇଛନ୍ତି । ପୋଲିସ ସୂଚନା ଅନୁସାରେ, ରାସବେଡା ପଞ୍ଚାୟତର ତୁମାପଦର ଗ୍ରାମର ୨ ଜଣ ବ୍ୟକ୍ତି ଆନ୍ଧ୍ରପ୍ରଦେଶର ପଡ଼ାପଦର ଗ୍ରାମରୁ ଘରକୁ ଗତକାଲି ଅପରାହ୍ନ ରେ ଫେରୁଥିଲେ ।ନଦୀ ପାର ହେଉଥିବା ସମୟରେ ଡଙ୍ଗା ବୁଡି ସେମାନେ ନିଖୋଜ ହୋଇଯାଇଛନ୍ତି । ନିଖୋଜ ବ୍ୟକ୍ତି ହେଉଛନ୍ତି ବଳରାମ କିଡିଙ୍ଗି ଓ ସଞ୍ଜିତ କିଡିଙ୍ଗି । ଗତକାଲି ରେ ଖବରପାଇ ମୁଦୁଲିପଡ଼ା ପୋଲିସ ଏବଂ ଅଗ୍ନି ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଦିନ ତମାମ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ । କିନ୍ତୁ କୌଣସି ସୁଫଳ ହେଲାନାହିଁ । ପୁଣି ଆଜି ଉଦ୍ଧାର କାର୍ଯ୍ୟ ଚାଲୁ ରଖିଛନ୍ତି ।

ନେତୃତ୍ୱ ବିକାଶ ତାଲିମ ଶିବିର ଉଦ୍‌ଯାପିତ

ଉଦଳା, ୭/୦୬ (ନି.ପ୍ର): ଲୋକ ସଂଗଠନ 'ଜନଜାଗୃତି ମଂଚ' ମୟୂରଭର ଆୟୋଜନରେ ଚଳିତ ଜୁନ ୫ ଓ ୬ ତାରିଖ ଦୁଇଦିନ ଧରି ଉଦଳା ଠାରେ 'ନେତୃତ୍ୱ ବିକାଶ ତାଲିମ ଶିବିର' ଅନୁଷ୍ଠିତ ହୋଇ ଯାଇଛି । କସ୍ତିପଦା, ଉଦଳା, ଖୁଂଟା ଓ ଗୋପବନ୍ଧୁନଗର ବ୍ଲକରୁ ମୋଟ ୪୦ ଜଣ ଶିବିରାର୍ଥି ଏଥିରେ ତାଲିମ ନେଇଥିବାର ଜଣାଯାଇଛି । ଶିବିରର ଉଦ୍‌ଘାଟନ ଉତ୍ସବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ଜନଜାଗୃତି ମଂଚର ସମସ୍ତ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । 'ରୋକ ଠୋକ' ପତ୍ରିକାର ସମ୍ପାଦକ ଅରୁଣ ପ୍ରସାଦ ଦିହୁଡ଼ି ପ୍ରଶିକ୍ଷକ ଭାବରେ ଯୋଗ ଦେଇ ଆମ ଦେଶର ସାମ୍ବିଧାନିକ ବ୍ୟବସ୍ଥା, ମୌଳିକ ଅଧିକାର, କର୍ତ୍ତବ୍ୟ ଓ ସ୍ଥାନୀୟ ଶାସନ ବ୍ୟବସ୍ଥା ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଶିବିରର ଉଦ୍‌ଯାପନି ଉତ୍ସବରେ ମହିଳା ଶ୍ରମଜୀବି ମଂଚ ଭୁବନେଶ୍ୱରର ମୁଖ୍ୟ ପ୍ରସନ୍ନ କୁମାର ପ୍ରଧାନ ସମଗ୍ର ଓଡ଼ିଶାର ୧୯ ଗୋଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ କିପରି ଚାଲିଛି ସେ ସମ୍ପର୍କରେ ଅବଗତ କରାଇଥିବା ବେଳେ ସ୍ୱେଚ୍ଛାସେବକ ସୁବ୍ରତ କୁମାର ମହାନ୍ତି ସୂଚନା ଅଧିକାର ଆଇନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ମଂଚର ଟିମ ଲିଡ଼ର ଗଦାଧର ଦାଶଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ହରପ୍ରିୟା ଦାସ, ଆରତୀ ଖଣ୍ଡାପାତ୍ର, ଭାରତୀ ଖଣ୍ଡାପାତ୍ର, ଗୌତମ ମହାପାତ୍ର, ରୁପାଏ ବାସ୍କେ, କାପାଲ ମାର୍ଣ୍ଡି, ଲାଲମୋହନ ବିନ୍ଧାଣୀ, ମନାଲି ମୁର୍ମୁ ଓ ରବିନ୍ଦ୍ର ଖଣ୍ଡେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରିଲାଏନ୍ସ ଫାଉଣ୍ଡେସନର ବୃକ୍ଷରୋପଣ

ଉଦଳା, ୦୭/୦୬ (ନି.ପ୍ର):- ସ୍ୱେଚ୍ଛାସେବୀ ସଂଗଠନ 'ଶୋଭା'ର ନେତୃତ୍ୱରେ ରିଲାନ୍ସ ଫାଉଣ୍ଡେସନର ସହାୟତାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଉଦଳା ବ୍ଲକର ଚନ୍ଦ୍ରପୁର, ଅମ୍ବିକାଦେଇପୁର ଓ ଅଙ୍ଗାରପଦା ଗ୍ରାମରେ ୫୦୦ରୁ ଉର୍ଦ୍ଧ ବୃକ୍ଷରୋପଣ କରାଯାଇଛି । ରିଲାନ୍ସ ଫାଉଣ୍ଡେସନର ରାଜ୍ୟକାର୍ଯ୍ୟକ୍ରମ ଅଧିକାରୀ ରାଜେନ୍ଦ୍ର ସିଂ ବୃକ୍ଷରୋପଣ ଦ୍ୱାରା ଏକ ସୁନ୍ଦର ପରିବେଶ କିପରି ତିଆରି ହୋଇଥାଏ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । 'ଶୋଭା'ର ସଂପାଦକ ରଂଜନ କୁମାର ମିଶ୍ର ଲଗାଯାଇଥିବା ବୃକ୍ଷ ଗୁଡ଼ିକର ଯତ୍ନ ନିଆଯିବା ସହ ବଂଚାଇ ରଖିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ଅନୁରୋଧ ଜଣାଇଥିଲେ ।

ନିର୍ମାଣ ଶ୍ରମିକନେତା ଶଶିକାନ୍ତ ବେହେରାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା